READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର


ଅନୁସନ୍ଧାନ ପରେ ଖବର



ବର୍ଷ-୫ ସଂଖ୍ୟା-୧୧ ୨୯ ମାର୍ଚ୍ଚ - ୦୪ ଏପ୍ରିଲ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-11 29th MARCH- 04th APRIL, 2021 BHUBANESWAR ₹ 5/- (8 Pages)


## ଉପରମୁହାଁ କରୋନା : ପୁଣି ସୁରଟ ଫେରନ୍ତାଙ୍କ ଚିନ୍ତା

**ଭୁବନେଶ୍ୱର :** ଦେଶର ଅନେକ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଥିଲା ବେଳେ ଓଡ଼ିଶାରୁ ୟୁକେ ଷ୍ଟ୍ରେନ୍ ମିଳିବା ପରେ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଛି। ଯଦିଓ କେଉଁ ଷ୍ଟ୍ରେନ୍ ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ାଇବାରେ ଲାଗିଛି ତାହା ସ୍ପଷ୍ଟ ହୋଇପାରିନାହିଁ। ଓଡ଼ିଶାରେ ମଧ୍ୟ ଗତ କିଛି ଦିନ ହେବ ପଜିଟିଭ୍ କେସ୍ ଲଗାତର ବୃଦ୍ଧି ପାଉଛି। ଆସନ୍ତା ଏପ୍ରିଲ୍ ଶେଷ ମାସ ବେଳକୁ କରୋନା ସଂକ୍ରମଣ ଅଧିକ ଭୟାବହ ହେବ ବୋଲି ଏସବିଆଇର ଏକ ରିସର୍ଚ୍ଚରେ ଜଣାପଡ଼ିଛି। ତେବେ ଓଡ଼ିଶାରେ ଏହାର ପ୍ରଭାବ କେତେ ପଡ଼ିବ, ଏହାକୁ ନେଇ ଆଇଏସଏଲ୍ ନିର୍ଦ୍ଦେଶକ ଅଜୟ ପରିଡା ମନ୍ତବ୍ୟ ରଖିଛନ୍ତି। ଶ୍ରୀ ପରିଡ଼ା କହିଛନ୍ତି, ବର୍ତ୍ତମାନ ମହାରାଷ୍ଟ୍ର, ପଞ୍ଜାବ କିମ୍ବା ଅନ୍ୟ ରାଜ୍ୟରେ ଯେଉଁ ଷ୍ଟ୍ରେନ୍ ଦେଖା ଦେଇଛି। ଓଡ଼ିଶାକୁ ଏପର୍ଯ୍ୟନ୍ତ ସେହି ଷ୍ଟ୍ରେନ୍ ଆସିନାହିଁ। ଯେପର୍ଯ୍ୟନ୍ତ ଜିମନ୍ ସିକ୍ୟୁଏନ୍ସ ନହୋଇଛି, ସେ ଯାଏ କିଛି କହିହେବ ନାହିଁ। ଓଡ଼ିଶାରେ ତ ପଜିଟିଭ୍ ରେଟ୍



ବଢୁଛି। କିନ୍ତୁ ରାଜ୍ୟରେ କେଉଁ ଷ୍ଟ୍ରେନ୍ ପାଇଁ ସଂକ୍ରମଣ ସଂଖ୍ୟା ବଢୁଛି, ତାହା ଜିନମ୍ ସିକ୍ୟୁଏନ୍ସି ପରେ ହିଁ ଜଣାପଡ଼ିବ। ଏହାସହିତ ପଞ୍ଜାବ ଷ୍ଟ୍ରେନ୍ ଓଡ଼ିଶାକୁ ଆସିନଥିବା ଶ୍ରୀ ପରିଡା କହିଛନ୍ତି। ଏହାସହିତ ଟେଷ୍ଟିଂ, ଟ୍ରେସିଂ ଓ ଟ୍ରିଟ୍‌କୁ ଗୁରୁତ୍ୱ ଦେଲେ ସଂକ୍ରମଣ ହ୍ରାସ କରିହେବ ବୋଲି ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯିବା ସହ ଦୈନିକ ୧୧ ହଜାର ଆରଟିପିସିଆର ଟେଷ୍ଟ ଧାର୍ଯ୍ୟ କରାଯାଇଛି।

ତେବେ କୋଭିଡ୍‌ର ଦ୍ୱିତୀୟ ଲହର ଆଶଙ୍କାରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ କଟକଣା ଜାରି କରୁଛନ୍ତି। ତେଣୁ ଆଗକୁ ବିଭିନ୍ନ ପର୍ବପର୍ବାଣୀ ଆସୁଥିବାରୁ ଅଧିକ ଗହଳି ଏଡ଼ାଇବାକୁ କଟକଣା ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)। ଗୁଡ୍ ଫ୍ରାଇଡେ, ପଣା ସଂକ୍ରାନ୍ତି, ଝାମୁ ଯାତ୍ରା ଓ ଦଣ୍ଡ ଯାତ୍ରା ଆଦି ଉପରେ କଟକଣା ଜାରି କରିଛନ୍ତି ରାଜ୍ୟ ସରକାର। ସର୍ବସାଧାରଣ ସ୍ଥାନରେ ଏସବୁ ପର୍ବ ପାଳନ ସମେତ ଲୋକ ଗହଳିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ନେଇ ମନ୍ଦିର ଓ ଚର୍ଚ୍ଚରେ କେବଳ ନୀତି ପାଳନ କରାଯାଇପାରିବ। ସ୍ଥାନୀୟ ସ୍ଥିତିକୁ ଦେଖି ଜିଲ୍ଲାପାଳ ଓ କମିଶନର ଆବଶ୍ୟକ କଟକଣା ଲଗାଇବେ। କେତେ ଶ୍ରଦ୍ଧାଳୁ ମନ୍ଦିର ବା ଚର୍ଚ୍ଚ ଯାଇପାରିବେ ତାହା ନିର୍ଦ୍ଧାରଣ କରିବେ ଜିଲ୍ଲାପାଳ। ଉତ୍କଳ ଦିବସ ପାଳନ ନେଇ ମଧ୍ୟ କଟକଣା ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ଉତ୍କଳ ଦିବସ ସମାରୋହରେ ଅଧିକ ଗହଳିକୁ ବାରଣ କରାଯାଇଛି। ସଭାରେ ସର୍ବାଧିକ ୨ଶହ ଲୋକଙ୍କୁ ଅନୁମତି ଦିଆଯିବ। ସଭାରେ ସାମାଜିକ ଦୂରତ୍ୱ, ମାସ୍କ ଓ ସାନିଟାଇଜର ବାଧ୍ୟତାମୂଳକ ହେବ। କୌଣସି ଅନୁଷ୍ଠାନ ସଭା କରିବାକୁ ଚାହିଁଲେ ପ୍ରଶାସନ ଠାରୁ ଅନୁମତି ନେବାକୁ ପଡ଼ିବ।

ଗତବର୍ଷ କରୋନା ପିକ୍‌ରେ ଥିଲା ବେଳେ ରାଜ୍ୟର ଚିନ୍ତା ବଢ଼ାଇଥିଲା ଗଞ୍ଜାମ। ବିଶେଷକରି ପ୍ରବାସୀ ଶ୍ରମିକଙ୍କ କାରଣରୁ ଗଞ୍ଜାମ ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଥିଲା। ସେହିପରି ଏବେ ରାଜ୍ୟରେ ସଂକ୍ରମଣ ମାମଲା ବଢ଼ି ଚାଲିଥିଲା ବେଳେ ସରକାର କଡା କଟକଣା ସହିତ ଯାଞ୍ଚ ଓ ଟେଷ୍ଟିଂ କଥାକୁ ଗୁରୁତ୍ୱ ଦେଉଛନ୍ତି ବୋଲି କହୁଛନ୍ତି। ହେଲେ ଗତ ଶୁକ୍ରବାର ବ୍ରହ୍ମପୁର ଷ୍ଟେସନରେ ଶତାଧିକ ସୁରତ ଫେରନ୍ତା ଓହ୍ଲାଇଥିଲା ବେଳେ ଏମାନେ କିଏ କେଉଁଆଡେ ଗଲେ ସେମାନଙ୍କ ଉପରେ କାହାର ନଜର ନଥିବା ଜଣାପଡିଛି। ଏବେ ସୁରଟରେ କରୋନା ମାମଲା ପିକ୍‌ରେ ରହିଥିଲା ➤ ପୃ-୬

ବିଧାନସଭାରେ ଗୃହ ବିଭାଗର ଶ୍ୱେତପତ୍ର

## ବର୍ଷକରେ ୧ ଲକ୍ଷ ୩୪ ହଜାର ଅପରାଧ ମାମଲା

**ଭୁବନେଶ୍ୱର :** ୨୦୨୦ ବର୍ଷ ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଶ୍ୱେତପତ୍ର ପ୍ରକାଶ ପାଇଛି। ୧,୩୪,୨୩୦ଟି ପଞ୍ଜୀକୃତ ଅପରାଧ ମାମଲାରୁ ୧,୧୦,୭୪୧ ଆଇପିସିରେ ପଞ୍ଜୀକୃତ ହୋଇଛି। ୧,୩୪,୨୩୦ ଧର୍ତ୍ତବ୍ୟ ଅପରାଧରୁ ୧,୨୯,୩୦୫ଟି ମାମଲା ସତ୍ୟ ଏବଂ ୯୩,୨୨୯ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ୧,୪୭୦ଟି ହତ୍ୟା ମାମଲାରୁ ୧,୩୯୨ଟି ମାମଲା ସତ୍ୟ ଓ ୬୯୪ଟି ହତ୍ୟା ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ୫୧୪ଟି ଡକାୟତି ମାମଲାରୁ ୫୦୨ଟି ସତ୍ୟ, ୨୫୪ଟିରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ୨,୧୬୭ ଲୁଣ୍ଠନ ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୨,୧୨୭ଟି ମାମଲା ସତ୍ୟ। ଲୁଣ୍ଠନ ମାମଲାରେ ୧୮୧୬ ଜଣ ଅପରାଧୀ ଗିରଫ ହୋଇଛନ୍ତି। ୧୦,୪୧୨ ଚୋରି ମାମଲାରୁ ୧୦,୨୦୭ଟି ମାମଲା ସତ୍ୟ ଏବଂ ୩,୭୭୦ଟି ଚୋରି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ଅପରପକ୍ଷରେ ୨,୦୫୯ଟି ଦଙ୍ଗା ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧,୯୯୭ଟି



ମାମଲା ସତ୍ୟ। ଏହସହିତ ୧୩୪୭ ଦଙ୍ଗା ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ୨୦୨୦ ବର୍ଷରେ ରାଜ୍ୟରେ ୨୯୮୪ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ଏଥିରୁ ୨୯୦୭ଟି ମାମଲା ସତ୍ୟ ଓ ୨୦୫୪ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ସେହିପରି ୯,୮୧୭ଟି ମୋଟର ଦୁର୍ଘଟଣା ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୯,୭୭୧ଟି ମାମଲା ସତ୍ୟ, ୬୦୫୭ ମୋଟର ଦୁର୍ଘଟଣା ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ୪୦୮୮ଟି ଯୌତୁକ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୨୭୪୮ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି ଏବଂ ୩୮ଟି ମାମଲା ସତ୍ୟୟ ୮୪ଟି ମାମଲାର ଅନ୍ୟାନ୍ୟ କାରଣରୁ ସମାପ୍ତି ଘଟିଛି। ➤ ପୃ-୬

ଅଳ୍ପ ଆଳାପରେ ...



ରାଜ୍ୟ ବିଜେପି ସମ୍ପାଦକ ଅମର ନାୟକ

## କରୋନା ଠାରୁ ବଡ ମହାମାରୀ ବେକାରୀ

**ଭୁବନେଶ୍ୱର :** ବେକାରୀ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ଆଲୋଚନା ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ବିବୃତି ଦେଇଛନ୍ତି। କରୋନା ମହାମାରୀଠୁ ବଡ଼ ମହାମାରୀ ହେଉଛି ରାଜ୍ୟର ବେକାରୀ ସମସ୍ୟା। ପ୍ରିୟାପ୍ରୀତିରେ ଚାଲିଛି ରାଜ୍ୟର ନିଯୁକ୍ତି ପ୍ରକ୍ରିୟା। ୧୮ ଲକ୍ଷ ଯୁବକ ଯୁବତୀ ରାଜ୍ୟରେ ବେକାର ହୋଇ ବୁଲୁଥିବା ବେଳେ ରାଜ୍ୟ ସରକାର ଅବସରପ୍ରାପ୍ତ ଅଫିସରଙ୍କୁ ନିଯୁକ୍ତି ଦେଉଛନ୍ତି। ସ୍ୱଳ୍ପ ବେତନରେ ଏମାନଙ୍କୁ ନିଯୁକ୍ତି ଦେଉଛନ୍ତି। କରୋନା ସମୟରେ ଲକ୍ଷ ଲକ୍ଷ ପ୍ରବାସୀ ରାଜ୍ୟକୁ ଫେରିଲେ। ନା ତାଙ୍କର ସ୍କିଲ ମ୍ୟାପିଂ କରାଗଲା



ନା ନିଯୁକ୍ତି ଦିଆଗଲା, ଯେଉଁଥିପାଇଁ ସ୍ଥିତିରେ ଟିକିଏ ସୁଧାର ଆସିବା ମାତ୍ରେ ଏହି ପ୍ରବାସୀମାନେ ପୁଣିଥରେ ନିଯୁକ୍ତି ଆଶାରେ ବାହାରକୁ ଚାଲିଗଲେ। ଯେତିକି ଦକ୍ଷତା ବିକାଶ ତାଲିମ ଦିଆଯାଇଛି ସେଥି ମଧ୍ୟରୁ ୩୧ ପ୍ରତିଶତ ପିଲା ନିଯୁକ୍ତି ପାଇଁ ଅଯୋଗ୍ୟ। ➤ ପୃ-୬

ଜଗତପୁର ସବ୍‌ରେଜିଷ୍ଟ୍ରାର ଅଫିସରେ କେଳେଙ୍କାରୀ

## ଦର ତୁଟିଲେ ହେଉଛି ଦଲିଲ !

**କଟକ :** ସରକାର ଦେଉଛନ୍ତି କର୍ମଚାରୀଙ୍କୁ ଦରମା। ହେଲେ ଦରମାରେ ପେଟ ପୁରୁନି ଯେ ଲାଞ୍ଚ ଟଙ୍କାକୁ ଅପେକ୍ଷା। ମୋ-ସରକାର ଓ ୫-ଟି' ଶାସନ ଚାଲିଥିଲା ବେଳେ ଜଗତପୁର ସବ୍‌ରେଜିଷ୍ଟ୍ରାର ଅଫିସରେ ଲାଞ୍ଚ ନଦେଲେ ହୋଇପାରୁନାହିଁ ଜମିବାଡି କବଲା। ଲୋକଙ୍କ ସହ ଚାଲିଛି ମୂଳଚାଳ। ଦର ତୁଟିଲେ ହେଉଛି ଦଲିଲ। ଲୋକେ ଜଗତପୁର ସବ୍‌ରେଜିଷ୍ଟ୍ରାର ଅଫିସ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ ଏଠାରେ ଗୋଟିଏ ଦଲିଲ ହେବାକୁ ଏକ ସପ୍ତାହରୁ ଅଧିକ ସମୟ ଲାଗିଯାଉଛି। କ୍ରେତା-ବିକ୍ରେତା ଦଲିଲ ସମ୍ପାଦନ ପାଇଁ ବାରମ୍ବାର ସବ୍‌ରେଜିଷ୍ଟ୍ରାର ଅଫିସକୁ ଧାଉଁଥିଲେ ବି ବିଳମ୍ବ ପଛରେ ଅନେକ କାରଣ ରହିଛି। ପ୍ରଥମ କାରଣ ହେଉଛି ଇ-ରେଜିଷ୍ଟ୍ରେସନ କରୁଥିବା କର୍ମଚାରୀମାନେ ଏଭଳି ପେଞ୍ଚ ତିଆରି କରୁଛନ୍ତି ଯେ, ଯେଉଁଥିରେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଏଠାରେ ଜମିଜମା ଦଲିଲ ହେବାରେ ସ୍ୱଚ୍ଛତା ରହୁନଥିବାରୁ ଦଲାଲମାନେ ଲାଞ୍ଚ ନେଇ କାମ କରିବାକୁ ଆଗେଇ ଆସୁଛନ୍ତି। ଏଭଳି ଅପୂର୍ବ ସୁଯୋଗ ସୃଷ୍ଟି କରିବା ପଛରେ ବଡବାବୁଙ୍କ ହାତ ରହିଛି ବୋଲି ଅଭିଯୋଗ ହେଉଛି। କୋଭିଡ୍ ପାଇଁ ରାଜ୍ୟ ସରକାର ଗତବର୍ଷ ଜାରି କରିଥିବା ୧୦% ବେଞ୍ଚ୍ ମାର୍କ ବୃଦ୍ଧିର ସ୍ଥଗିତାଦେଶକୁ ମାନୁନାହାନ୍ତି ସବ୍‌ରେଜିଷ୍ଟ୍ରାର। ➤ ପୃ-୬

## ବକ୍ରବାଣୀ



ଭୋଅଟ ଆଇଲେ କରୋନା ଆସେ
ଛୁପା ଛୁପି ଖେଳ ମୁଣ୍ଡରେ ପଶେ
ସୁବିଧାକୁ ଦେଖି ରୋକ୍ ଲଗାନ୍ତି
ବିରୋଧୀ ଦଳକୁ ଭଲ ନଚାନ୍ତି
କରୋନା ଯାତେରା କରିବେ ବୋଲି
ସର୍କାର ଅମାର ଦିଅନ୍ତି ଖୋଲି
ସହରୀ କୁକୁର ବଇଚି ଚାହିଁ
ଲକ୍ଷ ଲକ୍ଷ ଟଙ୍କା ଦବଟି ଖାଇ
ବାଉଁଶ କିଣାରେ ରାଜସ୍ୱ ଉଡ଼େ
ଗରୀବର କଥା ମନେ କି ପଡେ।

—ଟୁଟୁ

ପାନୀୟ ଜଳ ଯୋଗାଣ ସମୀକ୍ଷାରେ ମୁଖ୍ୟମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ

## ହଟ୍‌ସ୍ପଟ ଚିହ୍ନଟ କରି ପ୍ରତିକାରମୂଳକ ପଦକ୍ଷେପ ନିଅ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ସମ୍ପର୍କରେ ସମୀକ୍ଷା କରି ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଶତପ୍ରତିଶତ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରମାଣପତ୍ର ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚଳିତବର୍ଷ ଖୁବ୍‌ଶୀଘ୍ର ଗ୍ରୀଷ୍ମ ଋତୁ ଆସିଥିବାରୁ ଏବଂ ଏବର୍ଷ ପୂର୍ବାପେକ୍ଷା ଅଧିକ ଗରମ ହେବାର ସମ୍ଭାବନା





ଥିବାରୁ ଆମକୁ ପୂର୍ବବର୍ଷ ଗୁଡିକ ଅପେକ୍ଷା ଅଧିକ ପ୍ରସ୍ତୁତି କରିବାକୁ ପଡିବ। ନିୟମିତ ପାନୀୟ ଜଳ ସମସ୍ୟା ଥିବା ହଟ୍‌ସ୍ପଟ୍ ଅଞ୍ଚଳ ଗୁଡିକୁ ଚିହ୍ନଟ କରି ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଲୋକଙ୍କ ଅଭିଯୋଗର ଶୁଣାଣି ପାଇଁ ଏକ ତ୍ରୁଟିଶୂନ୍ୟ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସହିତ ବୈଷୟିକ ଜ୍ଞାନସଂପନ୍ନ ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବରିଷ୍ଠ ଅଧିକାରୀମାନେ ➤ ପୃ-୬






## ପ୍ରହସନ ପାଲଟିଛି ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା

**ଭଦ୍ରକ,(ବିକାଶ କୁମାର ଧଳ):** ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ ମାନର କରିବା ପାଇଁ ଚେଷ୍ଟିତ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଓ କାର୍ଯ୍ୟ ଶୈଳୀ ଯାଗୁଁ ସରକାରଙ୍କ ଯୋଜନା ସୁଫଳ ହୋଇପାରୁନଥିବା ଓ ସରକାରୀ ଅର୍ଥର ଅପବ୍ୟବହାର ହେଉଥିବା ଜଣାପଡ଼ିଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ଅନ୍ତର୍ଗତ ସୁଆଁପଦା ପ୍ରାଥମିକ ବିଦ୍ୟାଳୟରେ । ସୂଚନା ଅନୁଯାୟୀ; ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ୨୦୧୯-୨୦ ଶିକ୍ଷା ବର୍ଷରୁ ୨୦୨୦-୨୧ ଶିକ୍ଷାବର୍ଷରେ ୨୦ ପିଲାରୁ କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ବନ୍ଦ କରିବା ଓ ପାଖ ସ୍କୁଲ ସହିତ ମିଶାଇ ଦେବା ପାଇଁ ଘୋଷଣା କରିବା ସହ ଏଥି ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଥିଲେ । ତେବେ କୋଭିଡ୍-୧୯ ଯୋଗୁଁ ଉକ୍ତ ପ୍ରକ୍ରିୟାରେ ବିଳମ୍ବ ଘଟିଥିଲା । ବର୍ତ୍ତମାନ ଏହା କାର୍ଯ୍ୟକାରୀ କରାଯାଉଛି । ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ୧୦୮ଗୋଟି ପ୍ରାଥମିକ ବିଦ୍ୟାଳୟ ଥିବାବେଳେ





ତନ୍ମଧ୍ୟରୁ ୫୭ଟି ପ୍ରାଥମିକ ଓ ୫୧ଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ । ୨୦୧୯-୨୦ଶିକ୍ଷା ବର୍ଷରେ ୫୭ଟି ପ୍ରାଥମିକ ବିଦ୍ୟାଳୟରୁ ୫ଟିରେ ଓ ୫୧ଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ ୧୧ଟିରେ ଏହିପରି ସମୁଦାୟ ୧୬ଟି ବିଦ୍ୟାଳୟରେ ୨୦ଜଣରୁ କମ୍ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାର ଜଣାପଡିଥିଲା । ବ୍ଲକରେ ୧୮ଗୋଟି କ୍ଲଷ୍ଟର ମଧ୍ୟରୁ କାଦବରାଙ୍ଗ କ୍ଲଷ୍ଟର ଅଧିନସ୍ଥ ତଥା କାଦବରାଙ୍ଗ ପଂଚାୟତ ଅର୍ନ୍ତଗତ ଏରେଣ୍ଡାଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧୪ଜଣ ଛାତ୍ରଛାତ୍ରୀ,ରାଣିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାର ଜଣାପଡ଼ିଥିଲା । ତେଣୁ ସରକାର ଉକ୍ତ ବିଦ୍ୟାଳୟ ଗୁଡ଼ିକୁ ବନ୍ଦ କରିବା ସହ ପାଖ ବିଦ୍ୟାଳୟରେ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏହି ପରିପ୍ରେକ୍ଷିରେ ରାଣିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଟି ସୁଆଁପଦା ପ୍ରାଥମିକ ବିଦ୍ୟାଳୟ ସହ ମିଶିଯାଇଥିଲା । ସରକାର ରାଣିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ସୁଆଁପଦା ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ କଲେସତ କିନ୍ତୁ ବିଦ୍ୟାଳୟର ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟି ଦେଲେ ନାହିଁ ଯଦ୍ୱାରା ମିଶ୍ରଣ ପ୍ରକ୍ରିୟା ପ୍ରହସନ ପାଲଟିଛି । ୧୯୭୨ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟରେ ବ୍ୟାପକ ସାକାରାତ୍ମକ ପରିବର୍ତ୍ତନ ଦେଖାଦେବ। ଆଗକୁ ଆସୁଥିବା ଖର୍ଚ୍ଚ ପାଇଁ ଏବେଠାରୁ ସଞ୍ଚୟ କରନ୍ତୁ। ଏ ସପ୍ତାହରେ ଆପଣ ଏକୁଟିଆ ଅନୁଭବ କରିବେ। ଜୀବନସାଥିକୁ ବାହାର ଲୋକଙ୍କ ଠାରୁ ବଚସା ଶୁଣିବାକୁ ପଡିପାରେ।

**ବୃଷ** ସ୍ୱାସ୍ଥ୍ୟ ଠିକ୍ ରହିବନାହିଁ। କୌଣସି ଅଜଣା ମାର୍ଗରୁ ଅଧିକ ଆୟ ହେବ କିନ୍ତୁ ଖର୍ଚ୍ଚରେ ମଧ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ଥିବା ଅଶାନ୍ତି ଯୋଗୁ ଘର ପରିବେଶ ଖରାପ ରହିବ। ଛାତ୍ରମାନେ ଶିକ୍ଷକଙ୍କ ଆକ୍ରୋଶର ଶିକାର ହେବେ।

**ମିଥୁନ** ବହୁତ ଥକିଯିବା ଭଳି ଅନୁଭବ କରିବେ ଏବଂ ଅନ୍ୟମାନଙ୍କ ଉପରେ ଅଯଥା ଚିଡ଼ିପାରନ୍ତି। ଜଲଦିରେ କୌଣସି ବସ୍ତୁ କିଣନ୍ତୁ ନାହିଁ। ପରିବାରରେ ସଦଭାବ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ନିନ୍ଦିତ ହୋଇପାରନ୍ତି।

**କର୍କଟ** ସ୍ୱାସ୍ଥ୍ୟ ଉତ୍ତମ ରହିବ ଓ ଧାର୍ମିକ କାର୍ଯ୍ୟରେ ମନଦେବେ। ଧନଚୋରୀ ହେବାର ସମ୍ଭାବନା ଅଛି। ଅନ୍ୟକୁ ଅତ୍ୟଧିକ ବିଶ୍ୱାସ କରିବା ଯୋଗୁ ମନ ଅସ୍ଥିର ରହିବ। ସବୁକ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏକାଗ୍ରତା ରଖନ୍ତୁ।

**ସିଂହ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଧନ ସଞ୍ଚୟ ପାଇଁ ଘର ଲୋକଙ୍କ ସହ ବିଚାର ବିମର୍ଷ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ଏକାଗ୍ରତା ବଢ଼ାନ୍ତୁ। ଛାତ୍ରମାନେ ପ୍ରତିଯୋଗିତାତ୍ମକ ପରୀକ୍ଷାରେ ସଫଳ ହେବେ।

**କନ୍ୟା** ମାନସିକ ସ୍ଥିତି ଅସ୍ଥିର ରହିବ। କାର୍ଯ୍ୟକ୍ଷେତ୍ରରେ ମନଲାଗିବ ନାହିଁ। ଉଧାର ଦିଅନ୍ତୁ ନାହିଁ। ପାରିବାରିକ ଜୀବନ ଅନୁକୂଳ ରହିବ। ବ୍ୟବସାୟରେ ଲାଭବାନ ହେବେ। ନୂତନ ଚାକିରି ପାଇପାରନ୍ତି।

**ତୁଳା** ଛୋଟ ଛୋଟ ଅସୁସ୍ଥତା ଦେଖାଦେବ। ବ୍ୟବସାୟରେ ଭାଗିଦାରୀଙ୍କ ସହଯୋଗରେ ଲାଭବାନ ହେବେ। ଖର୍ଚ୍ଚରେ ଲାପରବାହ ହୁଅନ୍ତୁ ନାହିଁ। ପାରିବାରିକ ନିର୍ଣ୍ଣୟ ଭୁଲ ନେଇ ଅସୁବିଧାରେ ପଡିପାରନ୍ତି।

**ବିଛା** ସାମର୍ଥ୍ୟ ଅନୁସାରେ ପ୍ରତିଶ୍ରୁତି କରନ୍ତୁ ପୁରୁଣା କଥାକୁ ନେଇ ମନ ଅସ୍ଥିର ରହିବ। ଖର୍ଚ୍ଚ ଉପରେ ଲଗାମ ଦିଅନ୍ତୁ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କାର୍ଯ୍ୟକ୍ଷେତ୍ରରେ ପ୍ରଭାବ ପଡିବ। ଛାତ୍ରମାନେ ପାଠପଢ଼ାରେ ସଫଳ ହେବେ।

**ଧନୁ** ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ଋତୁ ପରିବର୍ତ୍ତନର ପ୍ରଭାବ ପଡିବାରେ। ଏକାଧିକ କାମରୁ ଲାଭାଂଶ ବା କମିଶନ ପ୍ରାପ୍ତି ଯୋଗ ଅଛି। ସନ୍ତାନମାନଙ୍କୁ ସଫଳତା ମିଳିବ। ଦମ୍ପତିଙ୍କ ସନ୍ତାନପ୍ରାପ୍ତିର ଖବର ମିଳିପାରେ।

**ମକର** ମାନସିକ ସ୍ଥିତିକୁ ଦୃଢ଼ ରଖନ୍ତୁ। ସନ୍ତାନର ଶିକ୍ଷା ପାଇଁ ଅଧିକ ଖର୍ଚ୍ଚ କରିପାରନ୍ତି। ସମସ୍ୟାର ସୂତ୍ର ନିଜେ ବାହାର ନକରି ଅନ୍ୟଙ୍କ ସହଯୋଗ ନିଅନ୍ତୁ। ପରିବାର କୌଣସି ସଦସ୍ୟ କଷ୍ଟ ଦେଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟଗତ ସମସ୍ୟା ରହିବ। ଯାହା କାର୍ଯ୍ୟ କ୍ଷେତ୍ରକୁ ପ୍ରଭାବିତ କରିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସୁଖମୟ ପରିବେଶ ପାଇଁ ଆଲୋଚନା କରନ୍ତୁ। ଚାକିରିଆଙ୍କ ଦରମା ବୃଦ୍ଧି ଓ ବଦଳି ହୋଇପାରେ। ଦାମ୍ପତ୍ୟ ଜୀବନ ଭଲ ରହିବ।

**ମୀନ** ପୁରା ସପ୍ତାହ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବ। ଜମିଜମାରେ ନିବେଶ କରନ୍ତୁ ନାହିଁ। ଧନହାନୀ ସମ୍ଭାବନା ଅଛି। ପରିବାରରେ ବିବାହ ହୋଇପାରେ। ଝଗଡାରୁ ଦୂରେଇ ରହନ୍ତୁ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଜଷ୍ଟିସ ରମନ୍ନା ପରବର୍ତ୍ତୀ ପ୍ରଧାନ ବିଚାରପତି



**ନୂଆଦିଲ୍ଲୀ :** ଜଷ୍ଟିସ ଏନଭି ରମନ୍ନା ହେବେ ସୁପ୍ରିମକୋର୍ଟର ଆଗାମୀ ପ୍ରଧାନ ବିଚାରପତି। ଜଷ୍ଟିସ ଏସ ଏ ବୋବଡେ ଏପ୍ରିଲ ୨୩ରେ ଅବସର ନେବେ। ଏହାପୂର୍ବରୁ ସେ କେନ୍ଦ୍ର ସରକାରଙ୍କ ନିକଟକୁ ତାଙ୍କ ଉତ୍ତରାଧିକାରୀଙ୍କ ତାଲିକା ପଠାଇଛନ୍ତି ଜଷ୍ଟିସ ବୋବଡେ। ଯେଉଁଥିରେ ଏନଭି ରମନ୍ନାଙ୍କ ନାମ ରହିଛି। ସୁପ୍ରିମକୋର୍ଟରେ ଏବେ ବରିଷ୍ଠ ବିଚାରପତି ହେଉଛନ୍ତି ଜଷ୍ଟିସ ଏନଭି ରମନ୍ନା। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ୬୫ ବର୍ଷ ବୟସ ପର୍ଯ୍ୟନ୍ତ ରହିପାରିବେ। ସଂସଦରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଲେ ତାଙ୍କୁ ହଟାଇ ହେବ। ଏଥିପାଇଁ ଧାରା ୧୨୪ (୪) ଅନୁଯାୟୀ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆସିବ। ଯଦି ସଂସଦରେ ଏହି ମହାଭିଯୋଗ ପ୍ରସ୍ତାବକୁ ସମର୍ଥନ ମିଳିବ ତାହେଲେ ସେ ତାଙ୍କ ପଦବୀରୁ ହଟିବେ। ନହେଲେ ତାଙ୍କୁ କେହି ପଦବୀରୁ ହଟାଇ ପାରିବେ ନାହିଁ। ଏହା ବ୍ୟତୀତ ପ୍ରଧାନ ବିଚାରପତି ନିଜ ଇଚ୍ଛାରେ ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେଇ ପାରିବେ। ଜଷ୍ଟିସ ରମନ୍ନା ୨୭ ଅଗଷ୍ଟ ୧୯୫୭ ରେ ଅବିଭକ୍ତ ଆନ୍ଧ୍ରପ୍ରଦେଶର କୃଷ୍ଣ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ଫେବୃଆରୀ ୨, ୨୦୧୭ ରେ ସେ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ଏବେ ତାଙ୍କର କାର୍ଯ୍ୟକାଳର ଅବଧି ପୂରଣ ହେବାକୁ ମାତ୍ର ଦୁଇ ବର୍ଷ ବାକି ଅଛି। ସେ ୨୬ ଅଗଷ୍ଟ ୨୦୨୨ରେ ଅବସର ନେବାକୁ ଯାଉଛନ୍ତି। ୧୦ ଫେବୃଆରୀ ୧୯୮୩ ରେ ପ୍ରଥମେ ଓକିଲାତି ଆରମ୍ଭ କରିଥିଲେ। ଚନ୍ଦ୍ରବାବୁ ନାଇଡୁ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ ଜଷ୍ଟିସ ରମନ୍ନା ମଧ ଆନ୍ଧ୍ରପ୍ରଦେଶ ସରକାରଙ୍କ ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଥିଲେ। ଜଣେ ଚାଷୀ ପରିବାରରୁ ଆସିଥିବା ରମନ୍ନା ବିଜ୍ଞାନ ଏବଂ ଆଇନରେ ସ୍ନାତକ ହାସଲ କରିଥିଲେ। ଏହା ପରେ ସେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ, କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ଏବଂ ସୁପ୍ରିମକୋର୍ଟରେ ଆଇନ ପ୍ରାକ୍ଟିସ କରିଥିଲେ। ସେ ରାଜ୍ୟ ସରକାରଙ୍କ ଏଜେନ୍ସିଗୁଡ଼ିକ ପାଇଁ ଏକ ପ୍ୟାନେଲ ପରିଷଦ ଭାବରେ ମଧ କାମ କରିଥିଲେ। ୨୭ ଜୁନ୍ ୨୦୦୦ରେ ସେ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ଏହାପରେ ୧୩ ମାର୍ଚ୍ଚରୁ ୨୦ ମେ ୨୦୧୩ ପର୍ଯ୍ୟନ୍ତ ସେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର କାର୍ଯ୍ୟକାରୀ ପ୍ରଧାନ ବିଚାରପତି ଥିଲେ। ୨ ସେପ୍ଟେମ୍ବର ୨୦୧୩ରେ ପଦୋନ୍ନତି ମିଳିବା ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟର ପ୍ରଧାନ ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା। ଏହାପରେ ଫେବୃଆରୀ ୧୭, ୨୦୧୪ରେ ତାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବରେ ପଦୋନ୍ନତି ହୋଇଥିଲା। ଏବେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏସ୍ ବୋବଡେଙ୍କ ପରେ ସେ ସୁପ୍ରିମକୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି।

## ପହିଲାରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକା



**ନୂଆଦିଲ୍ଲୀ :** ଏପ୍ରିଲ ୧ରୁ ଦେଶରେ ଆରମ୍ଭ ହେବ ତୃତୀୟ ପର୍ଯ୍ୟାୟ ଟିକାକରଣ। ଏହି ପର୍ଯ୍ୟାୟରେ ୪୫ କିମ୍ବା ତା'ଠାରୁ ଅଧିକ ବର୍ଷ ବୟସ୍କଙ୍କୁ କରୋନାର ରକ୍ଷା କବଚ କୁହାଯାଉଥିବା ଟିକା ପ୍ରଦାନ କରାଯିବ। କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ଉପରେ ମୋହର ମାରିଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇ କହିଛନ୍ତି, ଜାନୁଆରୀ ୧୬ରୁ ଦେଶରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯାଇଥିଲା। ଏହାପରେ ୬୦ ବର୍ଷ ବୟସରୁ ଅଧିକ ଓ ୪୫ ବର୍ଷରୁ ଅଧିକ ବୟସ୍କ ବହୁବିଧ ରୋଗରେ ଆକ୍ରାନ୍ତ ଲୋକଙ୍କୁ କରୋନା ଟିକାର ଡୋଜ୍ ଦିଆଯାଇଛି। ଏବେ ଅର୍ଥାତ ଏପ୍ରିଲ ୧ରୁ ଦେଶରେ ରହୁଥିବା ସମସ୍ତ ୪୫ କିମ୍ବା ତା'ଠାରୁ ଅଧିକ ବୟସ୍କ ଲୋକଙ୍କର ଟିକାକରଣ କାର୍ଯ୍ୟକ୍ରମ ହେବ। ତେଣୁ ମୁଁ ଏହି ବର୍ଗରେ ଥିବା ଲୋକଙ୍କୁ ପଞ୍ଜୀକରଣ କରି ଟିକା ନେବାକୁ ଅନୁରୋଧ କରୁଛି। ୪୫ ବର୍ଷ କିମ୍ବା ତା'ରୁ ଅଧିକ ବୟସ୍କଙ୍କ ଟିକାକରଣ କରିବାକୁ କରୋନା ଭାଇରସ ଟ୍ୟାକ୍ସ ଫୋର୍ସ ଓ ବିଶେଷଜ୍ଞମାନେ ପ୍ରସ୍ତାବ ଦେଇଥିଲେ। ଏହା ଉପରେ କେନ୍ଦ୍ର କ୍ୟାବିନେଟ ମୋହର ମାରିଥିବା ସେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଏବେ ସୁଦ୍ଧା ଦେଶରେ ୪.୮୫ କୋଟି ଲୋକଙ୍କୁ କରୋନା ଟିକାର ପ୍ରଥମ ଡୋଜ୍ ଦିଆଯାଇଛି। ଦ୍ୱିତୀୟ ଡୋଜ୍ ନେଇଥିବା ଲୋକଙ୍କ ସଂଖ୍ୟା ୮୦ ଲକ୍ଷ ରହିଛି। ଭାରତରେ ବର୍ତ୍ତମାନ ସୁଦ୍ଧା ଦୁଇଟି ଟିକାକୁ ଜରୁରୀ କାଳୀନ ବ୍ୟବହାର ପାଇଁ ଅନୁମତି ମିଳିଛି। ଗୋଟିଏ ହେଲା କୋଭାକ୍ସିନ ଓ ଆଉ ଗୋଟିଏ ହେଲା କୋଭିସିଲ୍ଡ। କୋଭାକ୍ସିନର ଟିକାର ପ୍ରଥମ ଡୋଜ୍ ନେବାର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ନେବାକୁ ପଡ଼ିବ। ହେଲେ କୋଭିସିଲ୍ଡ ଟିକାର ପ୍ରଥମ ଡୋଜ୍ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ବ୍ୟବଧାନ ୬ରୁ ୮ ସପ୍ତାହ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖି ଅବଗତ କରାଯାଇଛି। ଅନ୍ୟପକ୍ଷରେ ଦେଶରେ ଏବେ କରୋନାର ଦ୍ୱିତୀୟ ଲହର ଦେଖାବାକୁ ମିଳିଲାଣି।

## ୯ରେ କୋଟିଆ ଶୁଣାଣି




**ନୂଆଦିଲ୍ଲୀ :** ଆସନ୍ତା ୯ ତାରିଖରେ ସୁପ୍ରିମକୋର୍ଟ କୋଟିଆ ପ୍ରସଙ୍ଗରେ ଶୁଣାଣି କରିବେ। ଏହାପୂର୍ବରୁ ଗତ ଶନିବାର ଦିନ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୦ ପୃଷ୍ଠାର ଜବାବୀ ସତ୍ୟପାଠ ଦାଖଲ କରାଯାଇଛି। ସୂଚନା ଅନୁସାରେ, ସୁପ୍ରିମକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକଙ୍କ ସହିତ ବିଚାରବିମର୍ଶ କରାଯିବା ପରେ ଓଡ଼ିଶା ପକ୍ଷରୁ ଆନ୍ଧ୍ର ଦାଖଲ କରିଥିବା ଜବାବର ପ୍ରତିଜବାବ ଦାଖଲ କରାଯାଇଛି। ପ୍ରତି ଜବାବରେ ୩୧ଟି ନଥିପତ୍ର ରହିଛି , ଯାହାକି ମାମଲାର ବିଚାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ନିଜର ପକ୍ଷକୁ ଦୃଢ଼ କରିବା ପାଇଁ ତଥା ଆନ୍ଧ୍ରର ଜବାବ ଗୁଡ଼ିକକୁ ଭିତ୍ତିହୀନ ବୋଲି ଦର୍ଶାଇବା ପାଇଁ ଜନଗଣନା ରିପୋର୍ଟ, ଭୋଟର ତାଲିକା ତଥା ଚିଠିପତ୍ରର ନକଲ ଏଥିରେ ସଂଲଗ୍ନ କରାଯାଇଛି। ଏହିସବୁ କାଗଜପତ୍ର କୋଟିଆକୁ ଓଡ଼ିଶାର ବୋଲି ପ୍ରମାଣ କରିବାରେ ସହାୟକ ବୋଲି ଓଡ଼ିଶାର ଲିଗାଲ ଟିମ୍ ଆଶା ବାନ୍ଧିଛନ୍ତି। ଏହାବାଦ୍ ଏହି ମାମଲାରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ ପାଇଁ ଓଡ଼ିଶାର ଲିଗାଲ୍ ଟିମ୍ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଆବଶ୍ୟକ ହେଲେ ଶୁଣାଣି ସମୟରେ ଆଉ କିଛି ଦସ୍ତାବିଜ୍ ଦାଖଲ କରାଯିବାର ମଧ ସମ୍ଭାବନା ରହିଛି। ଅପରପକ୍ଷରେ ଓଡ଼ିଶା ପକ୍ଷରୁ କାଉଣ୍ଟର ଆଫିଡେଭିଟ୍ ବା ଜବାବୀ ସତ୍ୟପାଠ ଦାଖଲ କରାଯିବା ପରେ ଆନ୍ଧ୍ର କୌଣସି ସାନି କାଗଜପତ୍ର ଦାଖଲ କରିବ ନାହିଁ। ଏହି ମାମଲା ଲଢୁଥିବା ଆନ୍ଧ୍ରପ୍ରଦେଶଙ୍କ ଓକିଲ ଏହା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ଆଦେଶର ଉଲ୍ଲଂଘନ ନେଇ ଆନ୍ଧ୍ରପ୍ରଦେଶ ସରକାରଙ୍କ ବିରୋଧରେ କୋଟିଆ ସଂକ୍ରାନ୍ତରେ ରାଜ୍ୟ ସରକାର ଅଦାଲତ ଅବମାନନା ଦାଖଲ କରିଛନ୍ତି। ମାମଲାର ଦୁଇଥର ଶୁଣାଣି ହୋଇସାରିଛି।

## ମହାନଦୀ ଭବିଷ୍ୟତକୁ ନେଇ ଉଦ୍‌ବେଗ

**ନୂଆଦିଲ୍ଲୀ :** ମହାନଦୀର ବଞ୍ଚିବାର ଅଧିକାର ଅଛି ,ଏଥିପ୍ରତି ସରକାର ଧ୍ୟାନ ନଦେଲେ ଜନସାଧାରଣ ରାସ୍ତାକୁ ଓହ୍ଲାଇବା ଦରକାର। ତୁରନ୍ତ ପଦକ୍ଷେପ ନ ନେଲେ ଭୟଙ୍କର ପ୍ରାକୃତିକ ସମସ୍ୟା ଦେଖାଦେବ ବୋଲି ନୂଆଦିଲ୍ଲୀରେ ଆୟୋଜିତ "ମହାନଦୀର ଭବିଷ୍ୟତ' ସମ୍ପର୍କିତ ଜାତୀୟ ଆଲୋଚନାରେ ଭାଗ ନେଇ ଜଳପୁରୁଷ ଭାବେ ପରିଚିତ ରାଜେନ୍ଦ୍ର ସିଂହ ମତବ୍ୟକ୍ତ କରିଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଓଡ଼ିଶା ଫୋରମ୍ ଦିଲ୍ଲୀର ମିଳିତ ସହଯୋଗରେ ସ୍ଥାନୀୟ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଛତିଶଗଡ଼ ରାଜ୍ୟରେ ଅନେକ ବେଆଇନ ବନ୍ଧ ଓ ବ୍ୟାରେଜ ନିର୍ମାଣ ଯୋଗୁଁ ଜଳ ପ୍ରବାହ ବାଧାପ୍ରାପ୍ତ ହୋଇଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଲୋଚନା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ଶାସନ ସଚିବ ଦେବୀ ପ୍ରସାଦ ବାଗ୍‌ଚି, ଭାରତ ସରକାରଙ୍କ ପୂର୍ବତନ ସଚିବ ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ମହାରାଷ୍ଟ୍ର ନଦୀ ଆନ୍ଦୋଳନର ନେତା ବିନାୟକ ପାଟିଲ, ଗଙ୍ଗା ଯମୁନା ବଞ୍ଚାଅ ଆନ୍ଦୋଳନ ନେତା ରମେଶ ଶର୍ମା, ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର, ଆଇନଜୀବୀ ବିରଜା ମହାପାତ୍ର, ବିଶ୍ୱରଞ୍ଜନ ପରମଗୁରୁ, ରବି ପାଣି, ପ୍ରବାସୀ ଓଡ଼ିଆ ପରିବାର ପକ୍ଷରୁ ସନ୍ତୋଷ ରାଉତ ଓ ଦେବରାଜ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମହାନଦୀ ଟ୍ରିବ୍ୟୁନାଲର ତିନି ବର୍ଷ ପୂର୍ତ୍ତି ପରିପେକ୍ଷୀରେ ଓଡ଼ିଶା ଓ ମହାନଦୀ କିଭଳି ପ୍ରତାରିତ ହୋଇଛି ସେନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗରେ ଆଗାମୀ ଦିନରେ ସୁପ୍ରିମକୋର୍ଟରେ ଆଇନଗତ ସହାୟତା, ବିବାଦର ସମାଧାନ ପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ବିଚାରବିମର୍ଶ ଲାଗି ପ୍ରୟାସ କରାଯିବା ତଥା ମହାନଦୀ ସୁରକ୍ଷା ନେଇ ବ୍ୟାପକ ଜନ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଆସନ୍ତା ଏପ୍ରିଲ ୨୦ ରୁ ୩୦ ତାରିଖ ସ୍ତରରେ ପାରାଦୀପରୁ ଛତିଶଗଡ଼ର ଧନ୍ତରି ପର୍ଯ୍ୟନ୍ତ ମହାନଦୀ ଯାତ୍ରା ଆୟୋଜନ କରି ଏହାର ଅବବାହିକାରେ ଥିବା ହଜାରେ ଗାଁରେ ସଚେତନତା ଅଭିଯାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

### କରୋନା ପାଇଁ କେନ୍ଦ୍ରର ଏପ୍ରିଲ ଗାଇଡଲାଇନ୍

## ଟେଷ୍ଟିଂ-ଟ୍ରେସିଂ-ଟ୍ରିଟ୍‌ମେଣ୍ଟକୁ ଗୁରୁତ୍ୱ





**ନୂଆଦିଲ୍ଲୀ :** ଦେଶରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବା ବେଳେ କେନ୍ଦ୍ର ସରକାର ଏପ୍ରିଲ ମାସ ପାଇଁ ଗାଇଡଲାଇନ ଜାରି କରିଛନ୍ତି କରୋନା ସଂକ୍ରମଣକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ଯାହା କଟକଣା ଚାହିଁବ ଲଗାଇ ପାରିବ ବୋଲି ଗାଇଡଲାଇନରେ କୁହାଯାଇଛି। ଏହାର ଅର୍ଥ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ଲକଡାଉନ ଓ ସଟଡାଉନ ଭଳି ପଦକ୍ଷେପ ନେଇପାରିବେ। ତେବେ ଏହାପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲକଡାଉନ ଓ ସଟଡାଉନ ପାଇଁ ଜାରି କରିଥିବା ଗାଇଡଲାଇନକୁ ପାଳନ କରିବାକୁ ହେବ। ସେହିପରି ଟେଷ୍ଟିଂ, ଟ୍ରେସିଂ ଓ ଟ୍ରିଟମେଣ୍ଟ ଉପରେ ଗୁରୁତ୍ୱ ଦେବାକୁ ଗାଇଡଲାଇନରେ କୁହାଯାଇଛି। ଯେଉଁସବୁ ରାଜ୍ୟରେ ଆରଟିପିସିଆର ଟେଷ୍ଟ କମ ରହିଛି, ତା'କୁ ବୃଦ୍ଧି କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଅତି କମରେ ୭୦% ଆରଟିପିସିଆର ଟେଷ୍ଟ କରିବାକୁ ପରାମର୍ଶ ଦିଆଯାଇଛି। ଗାଇଡଲାଇନରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ଭିତରେ ଓ ଆନ୍ତଃରାଜ୍ୟ ଚଳାଚଳ ପୂର୍ବଭଳି ଜାରି ରହିବ। କରୋନା କଟକଣା ମାନି ସିନେମା ହଲ, ମଲ ଓ ମାର୍କେଟ ଖୋଲି ପାରିବ। ସ୍ଥାନୀୟ ପ୍ରଶାସନ କରୋନା କଟକଣା ପାଳନ ହେଉଛି କି ନାହିଁ, ତା'ର କଡାକଡି ଭାବେ ଯାଞ୍ଚ କରିବ। ଦରକାର ପଡିଲେ ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ କଟକଣା ମଧ ଲାଗୁ କରିପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କଣ୍ଟେନମେଣ୍ଟ ଜୋନ୍‌ରେ ଏପ୍ରିଲ ଶେଷ ଯାଏ ଲକଡାଉନ୍ ରହିବ। ଏଠାରେ କେବଳ ଜରୁରୀ ସେବା ବ୍ୟତୀତ ଆଉ ସବୁ କିଛି ବନ୍ଦ ରହିବ। କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସବୁ ଗାଇଡଲାଇନକୁ ପାଳନ କରିବେ। ସେହିପରି ଜିଲ୍ଲାର ୱେବସାଇଟ୍‌ରେ କଣ୍ଟେନମେଣ୍ଟ ସମ୍ପର୍କରେ ସମସ୍ତ ତଥ୍ୟ ରହିବ। ନୂଆ ଗାଇଡଲାଇନ ଏପ୍ରିଲ ୧ରୁ ଲାଗୁ ହେବ। କରୋନା ସଂକ୍ରମଣ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବଢୁଥିବାରୁ ଗାଇଡଲାଇନରେ ଆକ୍ଟିଭ ସର୍ଭେଲାନ୍ସ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। କରୋନା ଆକ୍ରାନ୍ତ ହେଉଥିବା ଲୋକଙ୍କୁ ତୁରନ୍ତ ଚିହ୍ନଟ କରି ଆଇସୋଲେସନ କରିବାକୁ ଗାଇଡଲାଇନରେ କୁହାଯାଇଛି। କଟକଣା ମାନି ଶିକ୍ଷାନୁଷ୍ଠାନ ଓ ରେଷ୍ଟୁରାଣ୍ଟ କାର୍ଯ୍ୟକ୍ଷମ ହୋଇପାରିବ। ସମସ୍ତେ କରୋନା କଟକଣାକୁ ମାନିବାକୁ ବାଧ ବୋଲି ଗାଇଡଲାଇନରେ ସ୍ୱତନ୍ତ୍ର ଭାବେ କୁହାଯାଇଛି। ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ମଧ କୁହାଯାଇଛି।

## ଆଉ ବଢ଼ିବନି ଲୋନ୍ ମୋରାଟୋରିୟମ୍ ଅବଧି

**ନୂଆଦିଲ୍ଲୀ :** ଆଉ ବଢ଼ିବନି ଲୋନ ମୋରାଟୋରିୟମ୍। ଏଥିସହ ଛାଡ ହୋଇପାରିବନି ସମସ୍ତ ପ୍ରକାରର ରିହାତି। ଆଜି ଲୋନ୍ ମୋରାଟୋରିୟମ ମାମଲାକୁ ନେଇ ଏଭଳି କିଛି ନିଷ୍ପତି ଶୁଣାଇଛନ୍ତି ସୁପ୍ରିମକୋର୍ଟ। ଆଜି ଜଷ୍ଟିସ୍ ଅଶୋକ ଭୂଷଣ, ଜଷ୍ଟିସ୍ ଆର୍, ଭୂଷଣ ରେଡ୍ଡୀ ଏବଂ ଜଷ୍ଟିସ୍ ଏମ.ଆର ଶାହାଙ୍କ ଦ୍ୱାରା ଗଠିତ ସୁପ୍ରିମକୋର୍ଟର ତିନି ଜଣିଆ। ଖଣ୍ଡପୀଠ ଲୋନ ମୋରାଟୋରିୟମ ଅବଧି ବାଢ଼ବା ପାଇଁ ହୋଇଥିବା ମାମଲାର ଶୁଣାଣି କରିଛନ୍ତି। ମୋରାଟୋରିୟମର ଅବଧି ଅଗଷ୍ଟ ୩୧ ତାରିଖ ରହିଛି। ଏହାକୁ ଆଉ ଆଗକୁ ବଢ଼ାଯିବ ନାହିଁ। କେବଳ ସେତିକି ନୁହେଁ ପୁରା ସୁଧ ଛାଡ କରିବା ବି ଅସମ୍ଭବ। ଯଦି ଏଭଳି କରାଯାଏ ତେବେ ବ୍ୟାଙ୍କ ଗୁଡିକ ଉପରେ ପ୍ରଭାବ ପଡବି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତି ପରେ ବ୍ୟାଙ୍କ ଗୁଡିକୁ ଆଶ୍ୱସ୍ତି ମିଳିଛି। ସେପଟେ ପୂରା ରିହାତି ଛାଡ କରିବାକୁ ଆବେଦନ କରିଥିବା ବଡ଼ ବଡ଼ ରିଅଲ ଇଷ୍ଟେଟଗୁଡିକୁ ଶକ୍ତ ଧକ୍କା ଲାଗିଛି। ଏହି ନିର୍ଦ୍ଦେଶ ଦେବା ବେଳେ ଖଣ୍ଡପୀଠ କହିଛନ୍ତି, କରୋନା ମହାମାରୀ ସମୟରେ କେବଳ କମ୍ପାନୀ ନୁହେଁ ସରକାର ବି ବହୁତ କ୍ଷତି ସହିଛନ୍ତି। ଏହାସହ ଅର୍ଥନୈତୀକ ପଲିସି ମାମଲାରେ କୋର୍ଟ କୌଣସି ହସ୍ତକ୍ଷେପ କରିବେ ନାହିଁ। ସରକାର ଆରବିଆଇ ଉପରେ ଚାପ ପକାଇବାରେ କୋର୍ଟର କୌଣସି ଅଧିକାର ନାହିଁ। ଏହି ମାମଲା ନେଇ କେନ୍ଦ୍ର ସରକାରଙ୍କ ତରଫରୁ ସୁପ୍ରିମକୋର୍ଟରେ ଏକ ଉଲ୍ଲେଖନାମା ଦିଆଯାଇଛି। ଯେଉଁଥିରେ ସ୍ପଷ୍ଟ କୁହାଯାଇଛି ଯେ ସରକାର ବିଭିନ୍ନ ସେକ୍ଟରରେ ପର୍ଯ୍ୟାପ୍ତ ପରିମାଣର ରିହାତି ଛାଡ ହୋଇଛି। ମହାମାରୀ ସମୟରେ ଆହୁରି ଅଧିକ ଛାଡ କରିବା ସମ୍ଭବ ନୁହେଁ। କେନ୍ଦ୍ର ପକ୍ଷରୁ ଆହୁରି କୁହାଯାଇଛି ମଧ୍ୟମ ସେକ୍ଟରରେ ରିହାତି ପାଇଁ କୌଣସି ନିର୍ଦ୍ଦେଶନାମା ନାହିଁ। ଏହାପୂର୍ବରୁ ଋଣକାରୀଙ୍କ ଇଏମଆଇ ଉପରେ ଅନେକ ଛାଡ କରାଯାଇଛି। ଗତବର୍ଷ ଆରବିଆଇ ଋଣ ପ୍ରଦାନ କାରୀ ସଂସ୍ଥାକୁ ମୋରିଟୋରିୟମ ନେଇ ଜଣାଇଥିଲେ। ଯାହାର ଅବଧି ୩୧ ଅଗଷ୍ଟ ଯାଏଁ ବଢାଯାଇଥିଲା। ୨୦୨୦ ମାର୍ଚ୍ଚ ରୁ ଅଗଷ୍ଟ ମଧ୍ୟରେ ଲୋକେ ମୋରାଟୋରିୟମ୍ ଯୋଜନାରେ ଅନେକ ଲାଭ ଉଠାଇଥିଲେ। ହେଲେ ବକେୟା ରାଶି ଉପରେ ବ୍ୟାଙ୍କ ଡବଲ ସୁଧ ମାଗୁଛନ୍ତି ବୋଲି ଗ୍ରାହକ ଅଭିଯୋଗ କରିଥିଲେ। ଆଉ ଏହି ମାମଲା ସୁପ୍ରିମକୋର୍ଟ ଯାଏଁ ପହଞ୍ଚିଥିଲା। ଫଳରେ ଏନେଇ କୋର୍ଟ କେନ୍ଦ୍ରକୁ ଜବାବ ତଲବ ମଧ କରିଥିଲେ। ଜବାବରେ କେନ୍ଦ୍ର ପକ୍ଷରୁ ଉତ୍ତର ରଖାଯାଇଥିଲା କି ୨ କୋଟି ଋଣର ବାକି କିସ୍ତିରେ ସୁଧ ଉପରେ ସୁଧ୍ ଲାଗୁ ହେବନି। ସରକାରଙ୍କ ଏହି ପ୍ରସ୍ତାବରେ ୨ କୋଟି ମଧ୍ୟରେ ଏମଏସଏମଇ ଲୋନ୍, ଏଜୁକେସନ ଲୋନ୍, କ୍ରେଡିଟ କାର୍ଡ ବକେୟା, କାର, ଦୁଇଚକିଆ ଗାଡି ଲୋନ, ହୋମ୍ ଲୋନ ସହ ପର୍ସନାଲ ଲୋନ୍ ବି ସାମିଲ୍ ଅଛି।

# କୋଭିଡ-୧୯ ବିରୋଧରେ ସୁରକ୍ଷା ଦିଏ ସାଧାରଣ ଥଣ୍ଡା



**ଲଣ୍ଡନ :** ମହାମାରୀ କୋଭିଡ-୧୯ର ପ୍ରତ୍ୟାବର୍ତ୍ତନ ଭିତରେ ନୂଆ ସର୍ଭେ ରିପୋର୍ଟ ସାମ୍ନାକୁ ଆସିଛି। ଯେଉଁଥିରେ ସାଧାରଣ ସର୍ଦ୍ଦି ଲୋକମାନଙ୍କୁ ସାର୍ସ-କୋଭ-୨ ବା କରୋନା ଭାଇରସ ଠାରୁ ସୁରକ୍ଷା ଦେଇପାରିବ ବୋଲି କୁହାଯାଇଛି। ତେବେ କରୋନାର ଲକ୍ଷଣ ଥଣ୍ଡା, କାଶ ଓ ଛିଙ୍କ ହୋଇଥିବା ବେଳେ ଜଣେ ବ୍ୟକ୍ତି କେମିତି ସାଧାରଣ ଥଣ୍ଡାରେ ପୀଡ଼ିତ ହୋଇଛନ୍ତି ବୋଲି ଜାଣିବ, ତା'କୁ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଛି। ବ୍ରିଟେନରେ ଥିବା ଗ୍ଲାସଗୋ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଅନୁଧାନ ଅନୁଯାୟୀ, ଜଣେ ବ୍ୟକ୍ତି ଯେଉଁ ଭାଇରସର ଆକ୍ରାନ୍ତ ହୋଇ ସାଧାରଣ ଥଣ୍ଡାରେ ପଡ଼ନ୍ତି, ଉକ୍ତ ଭାଇରସ ସାର୍ସ-କୋଭିଡ-୨ ଭାଇରସ ବା କରୋନା ଭାଇରସ ସହ ସଫଳତାର ସହ ଲଢେ କରିବାକୁ ସକ୍ଷମୟ ସାଧାରଣ ସର୍ଦ୍ଦି କରାଉଥିବା ଭୂତାଣୁର ନାମ ହେଉଛି ରିନୋଭାଇରସ। ଏହା ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କଲେ ସେ ସାଧାରଣ ଥଣ୍ଡାରେ ଆକ୍ରାନ୍ତ ହୋଇଥାଆନ୍ତି। ତେବେ ଏହି ରିନୋଭାଇରସ ବେଶ ସଫଳତାର ସହ କରୋନା ଭାଇରସ ବିରୋଧରେ ଲଢ଼ିପାରୁଛି। ବୈଜ୍ଞାନିକଙ୍କ ମତରେ ସମସ୍ତ ସାଧାରଣ ଥଣ୍ଡା ମଧ୍ୟରୁ ୪୦% ଥଣ୍ଡା ପାଇଁ ରିନୋଭାଇରସ ଦାୟୀ। ଏହି ଭାଇରସରେ ଆକ୍ରାନ୍ତ ହେଉଥିବା ଲୋକ ଶୀଘ୍ର ସୁସ୍ଥ ହୋଇଯାଆନ୍ତି। କିଛି ଭାଇରସ ମଣିଷ ଶରୀରରେ ଅନ୍ୟ ଭାଇରସ ଗୁଡ଼ିକ ସହ ମିଶି ଦୀର୍ଘ ଦିନ ଧରି ସକ୍ରିୟ ରୁହନ୍ତି। ଉଦାହରଣ ସ୍ୱରୂପ ଭାବେ ଆମେ ରିନୋଭାଇରସକୁ ନେଇପାରିବା। ଏହି ଭାଇରସଟି ମଣିଷର କୋଷ ମଧ୍ୟରେ ଅନ୍ୟ ଭାଇରସର ଗୁଡ଼ିକ ସହ ମିଶି ଘର ତିଆରି କରିଥାଏ। ଏହା ସହଜରେ ନିଷ୍କ୍ରିୟ ହୁଏ ନାହିଁ। ହେଲେ ଇନଫ୍ଲୁଏଞ୍ଜା ବା ସାଧାରଣ ସର୍ଦ୍ଦି ସୃଷ୍ଟି କରୁଥିବା ଭାଇରସ ଏକାକୀ ମଣିଷ ଶରୀର ଉପରେ ଆକ୍ରମଣ କରନ୍ତି। ସେମାନେ ଏକାକୀ ଆକ୍ରମଣ କରି ଏକାକୀ ରହିବାକୁ ଚାହାନ୍ତି। ଗ୍ଲାସଗୋର ବୈଜ୍ଞାନିକମାନେ ପରୀକ୍ଷା ସମୟରେ ମଣିଷ ଶରୀରରେ ଥିବା ଶ୍ୱାସନଳୀକୁ ନେଇଥିଲେ। ତେବେ ଏହାକୁ ପ୍ରତୀକାତ୍ମକ ଭାବେ ବ୍ୟବହାର କରାଯାଇଥିଲା। ଶ୍ୱାସନଳୀରେ ଏକା ସମୟରେ କୋଭିଡ-୧୯ ରୋଗ ସୃଷ୍ଟି କରୁଥିବା ସାର୍ସ କୋଭିଡ-୨ ଭାଇରସ ଓ ରିନୋଭାଇରସ ଛଡ଼ା ଯାଇଥିଲା। ଶ୍ୱାସନଳୀକୁ ଏମାନେ କେମିତି ସଂକ୍ରମଣ କରୁଛନ୍ତି, ସେକଥା ଜାଣିବା ପାଇଁ ଏପରି ପରୀକ୍ଷା କରାଯାଇଥିଲା। ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ ଯଦି ଏକା ସମୟରେ ଦୁଇଟି ଯାକ ଭାଇରସକୁ ଶ୍ୱାସନଳୀକୁ ଛଡ଼ା ଯାଏ, ତା'ହେଲେ ରିନୋଭାଇରସ କରୋନା ଭାଇରସକୁ ଏହା ମଧ୍ୟରୁ ବାହାର କରିବାରେ ସକ୍ଷମ ହେଉଛି। ଏହାର ଅର୍ଥ ଶ୍ୱାସନଳୀ କେବଳ ସାଧାରଣ ଥଣ୍ଡା ଦ୍ୱାରା ସଂକ୍ରମିତ ହେଉଛି। ସେହିପରି ରିନୋଭାଇରସକୁ ପ୍ରଥମେ ଶ୍ୱାସନଳୀ ଯଦି ଛଡ଼ା ଯାଉଛି, ତା'ହେଲେ ସାର୍ସ କୋଭିଡ-୨ ଭାଇରସ ଆଦୌ ମଣିଷର ଶ୍ୱାସନଳୀକୁ ସଂକ୍ରମଣ କରିବାକୁ ସକ୍ଷମ ହେଉନାହିଁ। ସେହିପରି ସାର୍ସ କୋଭିଡ-୨ ଭାଇରସର ୨୪ ଘଣ୍ଟା ପରେ ସାଧାରଣ ଥଣ୍ଡା ସୃଷ୍ଟି କରୁଥିବା ରିନୋଭାଇରସ ମଣିଷ ଶରୀରକୁ ଗଲେ, ଏହା କରୋନା ଭାଇରସକୁ ମଧ ମାତ ଦେଇପାରୁଛି। ଏହାର ଅର୍ଥ କୋଭିଡ ସୃଷ୍ଟି କରୁଥିବା ସାର୍ସ କୋଭିଡ-୨ ଭାଇରସ ରିନୋଭାଇରସ ଆଗରେ ଆଦୌ ତିଷ୍ଠି ପାରୁନାହିଁ। ତେବେ ସାଧାରଣ ଥଣ୍ଡାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ବ୍ୟକ୍ତି ଯେ କରୋନାରେ ସଂକ୍ରମିତ ହେବ ନାହିଁ, ତାହା ଭାବିବା ଭୁଲ। କାରଣ ରିନୋଭାଇରସ ଦ୍ୱାରା ସୃଷ୍ଟି ହୋଇଥିବା ରୋଗ ପ୍ରତିରୋଧକ ଶକ୍ତି ଖୁବକମ୍ ଦିନ ମଧ୍ୟରେ ଜଣେ ବ୍ୟକ୍ତିଙ୍କ ଶରୀରରୁ ହ୍ରାସ ପାଇଯାଇଥାଏ। ତେଣୁ ଏହାପରେ ସାର୍ସ କୋଭିଡ-୨ ଭାଇରସ ଉକ୍ତ ବ୍ୟକ୍ତିଙ୍କୁ ଆକ୍ରାନ୍ତ କରିପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।



# ବସ୍ତିବାସିନ୍ଦାଙ୍କୁ ମିଳିବ ସର୍ବନିମ୍ନ ୩୦ ବର୍ଗମିଟର ଜାଗା

**ଭୁବନେଶ୍ୱର :** ରାଜ୍ୟରେ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ସହରର ବସ୍ତିରେ ରହୁଥିବା ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସରକାର ଏଣିକି ବସ୍ତିବାସିନ୍ଦାଙ୍କୁ ସର୍ବନିମ୍ନ ୩୦ବର୍ଗମିଟର ଜାଗା ଯୋଗାଇଦେବେ। ଯଦି କୌଣସି ବସ୍ତିବାସିନ୍ଦାଙ୍କ ପାଖରେ ସର୍ବନିମ୍ନ ୩୦ବର୍ଗମିଟରର ଜାଗା ଦଖଲରେ ନଥିବ ତା'ହେଲେ ସେ ତାଙ୍କ ଜାଗା ପାଖକୁ ଲାଗି ରହିଥିବା ଖୋଲାସ୍ଥାନକୁ ମଧ୍ୟ ଦଖଲକୁ ନେଇପାରିବେ। ରାଜ୍ୟ କ୍ୟାବିନେଟ ଏଭଳି ଏକ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏବେ ପ୍ରଚଳିତ ବ୍ୟବସ୍ଥାରେ ବସ୍ତିବାସିନ୍ଦାମାନଙ୍କ ଦଖଲରେ ଥିବା ଜମିର ପରିମାଣ ସର୍ବୋଚ୍ଚ ସୀମା (ପୌରାଂଚଳରେ ୪୫ବର୍ଗମିଟର ଓ ଏନଏସିରେ ୬୦ବର୍ଗମିଟର)ଠୁ କମ୍ ପରିମାଣରେ ଥିଲେ ସେମାନେ ପ୍ରକୃତରେ ଦଖଲ କରୁଥିବା ପରିମାଣର ଜମି ଉପରେ ଅଧିକାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅବଶ୍ୟ ବସ୍ତିଗୁଡ଼ିକରେ ଏତେ ପରିମାଣର ଜମି କୌଣସି ଜଣେ ବ୍ୟକ୍ତିଙ୍କ ଦଖଲରେ ରହିବା କ୍ୱଚିତ୍ ଘଟଣାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତ୍ତି ଅନୁସାରେ, 'ଓଡ଼ିଶାର ସହରାଂଚଳରେ ସମସ୍ତଙ୍କ ପାଇଁ ଗୃହ ନୀତି' ଅନୁସାରେ ଅର୍ଥନୀତିକ ଅନଗ୍ରସର ବର୍ଗର ପରିବାରଙ୍କ ପାଇଁ ଉଦ୍ଦିଷ୍ଟ ଗୃହର କାର୍ପେଟ୍ କ୍ଷେତ୍ରର ଆୟତନ ଅନ୍ତତଃପକ୍ଷେ ୨୧ବର୍ଗ ମିଟର ରହିବା ଆବଶ୍ୟକ। ତେଣୁ ଯଦି କୌଣସି ବସ୍ତିବାସିନ୍ଦା ୩୦ବର୍ଗ ମିଟରରୁ କମ୍ ଜମି ଦଖଲ କରୁଥାନ୍ତି, ତେବେ ସେଭଳି ବସ୍ତିବାସିନ୍ଦାଙ୍କୁ ଅନ୍ୟୁନ ୩୦ବର୍ଗମିଟରର ଜମି ଯୋଗାଇ ନଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅବା ଅନ୍ୟ ସରକାରୀ ବାସଗୃହ ଯୋଜନାରୁ ସେମାନଙ୍କୁ ବଂଚିତ ହେବାକୁ ପଡ଼ିବ। ତେଣୁ ଯଦି ସେମାନଙ୍କ ଦଖଲରେ ଥିବା ଜମି ପାଖରେ କିଛି ଖୋଲା ସ୍ଥାନ ଥାଏ, ତେବେ ସେଭଳି ସ୍ଥାନକୁ ମିଶାଇ ଅନ୍ତତଃ ୩୦ବର୍ଗମିଟର ଜମି ଉପରେ ତାତଙ୍କର ଅଧିକାର ନ୍ୟସ୍ତ ପାଇଁ କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଓଡ଼ିଶା ବସ୍ତିବାସିନ୍ଦାଙ୍କ ପାଇଁ ଜମି ଅଧିକାର ଅଧିନିୟମ-୨୦୧୭ର ୨ଟି ପ୍ରାବଧାନକୁ ସଂଶୋଧନ କରାଯାଇଛି। ଯାହାଫଳରେ ପ୍ରକୃତ ଦଖଲ କରାଯାଇଥିବା ଜମିର ପରିମାଣ ଯଦି ୩୦ବର୍ଗମିଟରରୁ କମ୍ ହୁଏ ଓ ଯଦି ତାଙ୍କ ଦଖଲରେ ଥିବା ଜମିକୁ ଲାଗି ଥାଇ କିଛି ଖୋଲାସ୍ଥାନ ଥାଏ, ତେବେ ଦଖଲକାରୀଙ୍କ ପାଇଁ ଅନ୍ୟୂନ ୩୦ବର୍ଗମିଟରର ପରିମିତ ଜମି ଉପରେ ଅଧିକାର ସୁନିଶ୍ଚିତ କରାଯାଇପାରିବ ବୋଲି କ୍ୟାବିନେଟ ସମ୍ମତି ଦେଇଛନ୍ତି।

# ପ୍ରତି ଜିଲ୍ଲା ଡାକ୍ତରଖାନାରେ ମିଳିବ ଡାଇଲେସିସ୍ ବ୍ୟବସ୍ଥା: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଗୃହରେ ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚଦାବି ଆଲୋଚନା ବେଳେ ବିରୋଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଘୋଷଣାକୁ ବିରୋଧୀ ସ୍ୱାଗତ କରିଛନ୍ତି। କରୋନାକୁ ମୁକାବିଲା କରିବାରେ ସରକାର ଯେଭଳି ସଫଳତା ପାଇଛନ୍ତି ତାକୁ ବିରୋଧୀମାନେ ଏକପ୍ରକାର ସ୍ୱୀକାର କରିଛନ୍ତି। ଆଲୋଚନା ଆରମ୍ଭ କରି ବିଜେପିର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଥିଲେ, ରାଜ୍ୟରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ବୁର୍ଲା ମେଡିକାଲ କଲେଜ୍ କେବଳ ରେଫରାଲ୍ ମେଡିକାଲରେ ପରିଣତ ହୋଇଛି। ଯିଏ ବି ରୋଗୀ ଆସୁଛି ତାକୁ ଚିକିତ୍ସା ନକରି କଟକ ଏସ୍‌ସିବିକୁ ପଠାଇ ଦିଆଯାଉଛି। କିନ୍ତୁ ରାସ୍ତା ଖରାପ ଯୋଗୁ କଟକରେ ପହଞ୍ଚିଲାବେଳକୁ ରୋଗୀଟି ଗୁରୁତର ହୋଇଯାଉଛି କିମ୍ବା ପ୍ରାଣ ହରାଉଛି। ଏ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ସଦର ହସ୍ପିଟାଲରେ ଡାଇଲେସିସ୍ ମେସିନ ନଥିବାରୁ ଶହ ଶହ ରୋଗୀ ହଇରାଣ ହେଉଛନ୍ତି। କୋଭିଡ ମହାମାରୀ ସମୟରେ ସରକାର ଯେଭଳି ଭାବେ ପଦକ୍ଷେପ ନେଲେ ସେଥିପାଇଁ ଜାତୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରୁ ପ୍ରଶଂସା ମିଳିଥିବା ନେଇ ଆଲୋଚନାରେ ଭାଗ ନେଇ ବିଜେଡି ବିଧାୟକ ଭୂପିନ୍ଦର ସିଂ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସ୍ୱାସ୍ଥ୍ୟସେବାରେ ଥିବା ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ବଲାଙ୍ଗୀର ମେଡିକାଲ କଲେଜ୍‌ର ଡାକ୍ତର ପଦବି ଖାଲି ପଡ଼ିଥିବା ନେଇ କହିଥିଲେ। ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ କୋରାପୁଟ ମେଡିକାଲରେ ରେଡିଓଲୋଜି ବିଭାଗରେ କୌଣସି ନିଯୁକ୍ତି ଦିଆଯାଇନଥିବା ନେଇ କହିଥିଲେ। ଏହାସହିତ କୋରାପୁଟ ଜିଲ୍ଲାରେ ଦୀର୍ଘ ବର୍ଷ ଧରି ସେବା କରିଆସୁଥିବା ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ନେଇ ଆପତ୍ତି ଉଠାଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ଉତ୍ତର ଦେଇ କହିଥିଲେ, ସମ୍ବଲପୁର ଜିଲ୍ଲା ଡାକ୍ତରଖାନାରେ ଖୁବଶୀଘ୍ର ଡାଇଲେସିସ୍ ମେସିନ୍ ପ୍ରତିଷ୍ଠା କରାଯିବ। ଏହାସହିତ ସବୁ ଜିଲ୍ଲା ସଦର ମହକୁମା ଡାକ୍ତରଖାନାଗୁଡ଼ିକରେ ବି ଡାଇଲେସିସ୍ ମେସିନ୍ ଯୋଗାଇ ଦିଆଯିବ।



## ରାଜ୍ୟରେ ୧୬୦୦ ବିଜ୍ଞାନ ଶିକ୍ଷକଙ୍କ ପଦବୀ ଖାଲି

**ଭୁବନେଶ୍ୱର :** ରାଜ୍ୟରେ ୧୬୦୦ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ବିଧାନସଭାରେ ଏନେଇ କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ  ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ପ୍ରଶ୍ନର ଉତ୍ତରରେ ଆଜି ରାଜ୍ୟରେ ଥିବା ବିଜ୍ଞାନାଗାର ବାବଦରେ ବିସ୍ତୃତ ତଥ୍ୟ ମନ୍ତ୍ରୀ ଦେଇଛନ୍ତି। ସ୍କୁଲମାନଙ୍କରେ ବିଜ୍ଞାନାଗାର ଖୋଲିବା ପାଇଁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଜରିଆରେ ୨୦୧୫-୧୬ରୁ ୨୦୧୮-୧୯ ମଧ୍ୟରେ ବିଜ୍ଞାନାଗାର ନିର୍ମାଣ ପାଇଁ ୫୨୦ କୋଟି ଏବଂ ବିଜ୍ଞାନ ଉପକରଣ ପାଇଁ ୩୫୧କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୫୬୨ ହାଇସ୍କୁଲରେ ବିଜ୍ଞାନାଗାର ନିର୍ମାଣ କରାଯାଇଛି। ମୋ ସ୍କୁଲ ଯୋଜନାରେ ୪୨୯ଟି ବିଜ୍ଞାନାଗାର ନିର୍ମାଣ କରିବାକୁ ଯୋଜନା ରହିଛି। ୧୦୦ଟି ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନାଗାର ଅଛି। ସିଏସଆର ଫଣ୍ଡରେ ୮୧୯ ସ୍କୁଲରେ ବିଜ୍ଞାନାଗାର ନିର୍ମାଣ କରାଯାଉଛି। ପୋଷ୍ୟ ସ୍କୁଲ ଜରିଆରେ ୧୦୦ଟି ହାଇସ୍କୁଲରେ ବିଜ୍ଞାନାଗାର ନିର୍ମାଣ କରାଯାଉଛି। ୧୦୦ ଟି ଉତ୍କର୍ଷ ବିଦ୍ୟାଳୟରେ ବିଜ୍ଞାନାଗାର ପ୍ରତିଷ୍ଠା କରାଯାଉଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ।

# ଓଡ଼ିଶାରେ ସ୍ଥାପନ ହେବ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର :** ରାଜ୍ୟରେ ସମସ୍ତ ମେଡ଼ିକାଲ ଓ ପାରାମେଡିକାଲ ଅନୁଷ୍ଠାନଗୁଡ଼ିକର ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆଇନ-୨୦୨୧ ବିଲକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାକୁ ଅବଗତ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସରକାର ଦୀର୍ଘଦିନ ଧରି ଘୋଷଣା କରିଥିବାବେଳେ କ୍ୟାବିନେଟରେ ଆଗତ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆଇନ-୨୦୨୧ ବିଲରେ ଆଧୁନିକ ଔଷଧ, ମାନସିକ ରୋଗ ଚିକିତ୍ସା, ଦନ୍ତ ଚିକିତ୍ସା, ହୋମିଓପାଥି, ଆୟୁର୍ବେଦ, ନର୍ସିଂ, ଫାର୍ମାସୀ, ପାରା ମେଡିକାଲ, ଫିଜିଓଥେରାପି ଓ ଆଲାଏଡ୍ ମେଡିକାଲ ବିଜ୍ଞାନ ପାଠ୍ୟକ୍ରମରେ ସଠିକ୍ ଶିକ୍ଷାଦାନ, ପ୍ରଶିକ୍ଷଣ ଓ ଗବେଷଣାକୁ ସୁନିଶ୍ଚିତ କରିବା ସଙ୍ଗେସଙ୍ଗେ ବିଭିନ୍ନ ମେଡ଼ିକାଲ ଓ ଆନୁସଙ୍ଗିକ ବିଷୟରେ ଶୈକ୍ଷିକ କାର୍ଯ୍ୟକ୍ରମରେ ସମାନତା ଆଣିବା ଏହି ବିଲର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହାବ୍ୟତୀତ କ୍ୟାବିନେଟରେ ନିଆଯାଇଥିବା ଅନ୍ୟ ନିଷ୍ପତ୍ତିଗୁଡ଼ିକ ହେଲା, ଗ୍ରୀଡ଼କୋ ସୁବିଧାରେ ବ୍ୟାଙ୍କ ଋଣ ପାଇବା ପାଇଁ ୨୦୧୯-୨୦ରେ ଦିଆଯାଇଥିବା



୧୫୦୦କୋଟି ଓ ୨୦୨୦-୨୧ ନିମନ୍ତେ ଦିଆଯାଇଥିବା ୨୬୦୦କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟିର ଅବଧି ୨ବର୍ଷର ମୋରାଟୋରିୟମ ସହିତ ୫ ବର୍ଷରୁ ୭ବର୍ଷକୁ ବୃଦ୍ଧି କରିବା ପାଇଁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଯାହା ୩୫୬.୩୮କୋଟି ଟଙ୍କାର ବ୍ୟୟବରାଦରେ କଳିଙ୍ଗ ଷ୍ଟାଡ଼ିୟମର ଭିତ୍ତିଭୂମି ବିକାଶ ଓ ରାଉରକେଲାଠାରେ ନୂଆ ହକି ଷ୍ଟାଡ଼ିୟମର ନିର୍ମାଣ କରାଯାଇ ଏଫଆଇଏଚ୍ ପୁରୁଷ ବିଶ୍ୱକପ୍ ହକି ୨୦୨୩ ଆୟୋଜନ କରାଯିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟର ୯ଟି ଜିଲ୍ଲାରେ ୧୦ଟି ଆଦିବାସୀ ଭାଷାରେ ଶିକ୍ଷାଦାନ କରିବା ପାଇଁ ୨୦୦୮ ମସିହାରୁ ସୃଷ୍ଟି ହୋଇଥିବା ୧୦୦ଟି ଠିକା ଭାଷା ଶିକ୍ଷକ ପଦବୀକୁ ନିୟମିତ କରାଯିବା ପାଇଁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରସ୍ତାବିତ ଓଡ଼ିଶା ଭେଷଜ ନିୟନ୍ତ୍ରଣ ସେବା(ଭେଷଜ ନିୟନ୍ତ୍ରଣ ପ୍ରଶାସନ) ନିଯୁକ୍ତି ତଥା ସେବା ସର୍ତ୍ତାବଳୀ ନିୟମ-୨୦୨୦ ପ୍ରବର୍ତ୍ତନ କରାଯିବା ପାଇଁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ସେହିପରି ବିଳମ୍ବିତ କିସ୍ତି ପ୍ରଦାନ ଯୋଗୁ ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା ଉପରେ ଧାର୍ଯ୍ୟ ହୋଇଥିବା ୯୯୪.୫୯ଲକ୍ଷ ଟଙ୍କାର ସୁଧ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଉପରେ ଧାର୍ଯ୍ୟ ହୋଇଥିବା ୧୯୨୦.୮୮ଲକ୍ଷ ଟଙ୍କାର ସୁଧ ଛାଡ଼ ସହିତ ଉଭୟ କର୍ତ୍ତୃପକ୍ଷ ଗୃହ ହସ୍ତାନ୍ତରଣ ବା ଆବଣ୍ଟନ ସମୟରେ ବକେୟା ରହିଥିବା ୫୬୬.୫୨ଲକ୍ଷ ଟଙ୍କା ପରିଶୋଧ କରିବା ପାଇଁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଖଣି ପରିଚାଳନାରେ ବ୍ୟାପକ ଦ୍ରୁତ ପରିବର୍ତ୍ତନ ସହିତ ବେନିୟମ ଖଣି କାରବାର ବୃଦ୍ଧି ପାଇବା ଆଶଙ୍କାକୁ ସଠିକ୍ ଭାବେ ପ୍ରତିହତ କରାଯିବା ନିମନ୍ତେ ରହିଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶା ଖଣିଜ ପଦାର୍ଥ ନିୟମ-୨୦୦୭ର ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ସୂଚନା ଦେଇଛନ୍ତି।

# ବେସରକାରୀ ଡିଲରଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି

**ଭୁବନେଶ୍ୱର :** ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ରାଜ୍ୟରେ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଇନ-୨୦୧୬ କାର୍ଯ୍ୟକାରୀ କରିବାର ୫ବର୍ଷ ବିତିଯାଇଥିଲେ ମଧ୍ୟ ବେସରକାରୀ ଡିଲରଙ୍କୁ ଉଚ୍ଛେଦ କରିବାକୁ ରାଜ୍ୟ ସରକାର ସାହସ କରିପାରି ପାରିନାହାନ୍ତି। ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ଏବେ ପୁଣିଥରେ ପିଡିଏସ ସାମଗ୍ରୀ ବଣ୍ଟନ କରୁଥିବା ବେସରକାରୀ ଡିଲର(ପ୍ରାଇଭେଟ୍ ଡିଲର)ଙ୍କ କାର୍ଯ୍ୟକାଳକୁ ଆଉ ୬ମାସ ବୃଦ୍ଧି କରିଛନ୍ତି। ଏଥିପାଇଁ ରାଜ୍ୟ କ୍ୟାବିନେଟ ଅନୁମତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ବେସରକାରୀ ଡିଲରମାନଙ୍କ ଦ୍ୱାରା ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ) ସୁଚାରୂ ରୂପେ ଚାଲୁ ରଖିବା ପାଇଁ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ, ୨୦୧୬ର ଧାରା ୪(୬)ରେ ନିର୍ଦ୍ଧାରିତ ସମୟସୀମାର ଅବଧି ୫ବର୍ଷରୁ ୫ବର୍ଷ ୬ମାସକୁ ବୃଦ୍ଧି କରିବାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏବେ ରାଜ୍ୟରେ ପିଡିଏସ ବ୍ୟବସ୍ଥାରେ ମୋଟ ୧୩,୯୪୯ଟି ସୁଲଭ ମୂଲ୍ୟ ଦୋକାନ(ଫେୟାର ପ୍ରାଇସ୍ ସପ) ଥିବାବେଳେ ସେଥିରୁ ୬୪୧୦ଟି ଆନୁଷ୍ଠାନିକ ଡିଲର ଓ ୭୫୩୯ଟି ବେସରକାରୀ ଡିଲର(ରାଜନୀତିକ ପୃଷ୍ଠପୋଷକତା ଥିବା ବ୍ୟକ୍ତି)ଙ୍କ ମାଧ୍ୟମରେ ପରିଚାଳିତ ହେଉଛି। ୨୦୧୬ ମାର୍ଚ୍ଚ ୧୬ତାରିଖରୁ ରାଜ୍ୟରେ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ, ୨୦୧୬ କାର୍ଯ୍ୟକ୍ଷମ ହେବାର ୨ବର୍ଷ ମଧ୍ୟରେ(୨୦୧୮ ମାର୍ଚ୍ଚ ସୁଦ୍ଧା) ସମସ୍ତ ବେସରକାରୀ ଡିଲରଙ୍କୁ ଉଚ୍ଛେଦ କରି ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଘରୋଇ ଡିଲରମାନଙ୍କୁ ସରକାର ଉଚ୍ଛେଦ କରିପାରିନାହାନ୍ତି। ଓଲଟା କ୍ୟାବିନେଟ ପୁଣିଥରେ ସେମାନଙ୍କୁ ୬ମାସ ପାଇଁ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଛନ୍ତିୟ ଆଗକୁ ପଂଚାୟତ ନିର୍ବାଚନ ଥିବାବେଳେ ଏହି ଡିଲରମାନେ ବିଜେଡିର ଭୋଟବ୍ୟାଙ୍କ ବୃଦ୍ଧିରେ ସହାୟକ ଥିବାରୁ ବିଜେଡି ସରକାର ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା।

**ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର**

# ମେଡିକାଲ, ଇଞ୍ଜିନିୟରିଂରେ ୧୫% ସଂରକ୍ଷଣ


**ଭୁବନେଶ୍ୱର :** ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଖୁସିଖବର ଆଣିଛନ୍ତି ରାଜ୍ୟ ସରକାର। ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୧୫% ସଂରକ୍ଷଣ ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ସଂକଳ୍ପ ଆଣିଛନ୍ତି। ନାମଲେଖା ସମୟରେ ଏହି ସଂରକ୍ଷଣ ବ୍ୟବସ୍ଥା ପାଇପାରିବେ ସରକାରୀ ସ୍କୁଲର ଛାତ୍ରଛାତ୍ରୀ। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏହି ସଂକଳ୍ପ ଆଗତ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଏହା ପାରିତ ହୋଇଥିବା ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ସଂକଳ୍ପକୁ ବିରୋଧୀ ଦଳର ସଦସ୍ୟମାନେ ମଧ୍ୟ ସମର୍ଥନ କରିଛନ୍ତି। ଦିନକୁ ଦିନ ରାଜ୍ୟରେ ସରକାରୀ ସ୍କୁଲରେ ପିଲାମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଯାହାକୁ ନେଇ ଅଭିଭାବକ ଓ ଶିକ୍ଷାବିତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି। ଏହାକୁ ଲକ୍ଷ୍ୟ କରି ସରକାର ଏହି ସଂକଳ୍ପ ଆଣିଛନ୍ତି। ଏ ସମ୍ପର୍କରେ ଆବଶ୍ୟକ ସୁପାରିଶ କରିବା ପାଇଁ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଡଃ ଏ.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାପନ୍ନ କମିଟି ଗଠନ କରାଯାଇଥିଲା। ଏହି ଉଚ୍ଚକ୍ଷମତାପନ୍ନ କମିଟି ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ଓ ବିଶ୍ଳେଷଣ ପରେ ନିମ୍ନୋକ୍ତ ନିଷ୍କର୍ଷ ଓ ସୁପାରିଶ ପ୍ରଦାନ କରିଛନ୍ତି। ଓଡ଼ିଶାରେ ସରକାରୀ ସ୍କୁଲ ମାନଙ୍କରେ ପ୍ରାୟ ୮୬% ପିଲା ପାଠ ପଢୁଥିବା ବେଳେ, ରାଜ୍ୟ ମେଡିକାଲ କଲେଜରେ ସେମାନେ ୨୩% ଏବଂ ଇଞ୍ଜିନିୟରିଂ କଲେଜରେ ୨୧% ସିଟ୍‌ରେ ସ୍ଥାନ



ପାଇପାରୁଛନ୍ତି। କିନ୍ତୁ ରାଜ୍ୟର ଘରୋଇ ସ୍କୁଲ ମାନଙ୍କରେ ମାତ୍ର ୧୨% ପିଲା ପାଠ ପଢୁବା ବେଳେ, ସେମାନେ ଉଭୟ ମେଡିକାଲ ଓ ଇଞ୍ଜିନିୟରିଂ କଲେଜର ୬୦% ସିଟ୍ ପାଉଛନ୍ତି। ଏହା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ, କୋଚିଂ ପ୍ରତିଷ୍ଠାନ ଗୁଡିକ ଯାହାକି ଜାତୀୟ ପ୍ରବେଶିକା ପରୀକ୍ଷା ଗୁଡିକରେ ସଫଳତା ଲାଭ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ସେଠାରେ ନାମ ଲେଖାଇବା ପାଇଁ ଆର୍ଥିକ ତଥା ପାରିପାର୍ଶ୍ୱିକ ସୁବିଧା ଅଭାବରୁ ଏଭଳି ବିଷମତା ସୃଷ୍ଟି ହେଉଛି। ଏହି ବିଷମତା ଦ୍ୱାରା ସଂଖ୍ୟାଧିକ ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କମିଟି ନିମ୍ନୋକ୍ତ ସୁପାରିଶ ପ୍ରଦାନ କରିଛନ୍ତି। ରାଜ୍ୟର ସରକାରୀ ହାଇସ୍କୁଲ ମାନଙ୍କରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖଇବା ପାଇଁ ୧୫% ସ୍ଥାନ ସଂରକ୍ଷିତ ରହିବ। ଏହି ସଂରକ୍ଷଣ ସୁବିଧା ସମସ୍ତ ସଂରକ୍ଷିତ ବର୍ଗ ତଥା ସାଧାରଣ ବର୍ଗର ପିଲାଙ୍କ ସ୍ଥାନ ସମେତ ସବୁ ସ୍ତରରେ ସମାନୁପାତିକ ଭାବେ ଲାଗୁ କରାଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଓଡ଼ିଶା ପ୍ରଫେସନାଲ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ (ରେଗୁଲେସନ ଅଫ୍ ଆଡମିଶନ ଆଣ୍ଡ ଫିକ୍‌ସେସନ ଅଫ୍ ଫି) ଆକ୍ଟ. ୨୦୦୭ର ଧାରା ୯ ଅନୁଯାୟୀ ବିଜ୍ଞପ୍ତି ଜାରି କରିପାରିବେ।

# ମୁଖ୍ୟମନ୍ତ୍ରୀଙ୍କ କରୋନା ସମୀକ୍ଷା : ବ୍ୟାପକ ସଚେତନତାକୁ ଗୁରୁତ୍ୱ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ କୋଭିଡ୍ ମହାମାରୀର ସମ୍ଭାବ୍ୟ ଦ୍ୱିତୀୟ ସଂକ୍ରମଣର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଓ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେତେକ ରାଜ୍ୟରେ ପରିସ୍ଥିତି ଦ୍ରୁତ ଗତିରେ ବିଗିଡିବାରେ ଲାଗିଛି। ଏବେଠାରୁ ତୁରନ୍ତ ପ୍ରତିରୋଧମୂଳକ ପଦକ୍ଷେପ ନ ନେଲେ, ଆମ ରାଜ୍ୟ ମଧ୍ୟ ଘୋର ବିପଦର ସମ୍ମୁଖୀନ ହେବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ମଧ୍ୟରେ କୋଭିଡ୍ ଯୁଦ୍ଧର ଏକବର୍ଷ ପୂରଣ ହୋଇଯାଇଛି। ତେବେ ଆମର ଡାକ୍ତର, ପାରାମେଡଇକ୍, ଆଗଧାଡିର ଯୋଦ୍ଧା, ପ୍ରଶାସନ, ପଞ୍ଚାୟତ ପ୍ରତିନିଧି ଓ ପୋଲିସ ଏ ସମସ୍ତଙ୍କର ନିସ୍ୱାର୍ଥପର ସେବା ଓ ତ୍ୟାଗ ଯୋଗୁ ଆମେ ଏପର୍ଯ୍ୟନ୍ତ ଭୂତାଣୁର ମୁକାବିଲାରେ ସଫଳ ହୋଇଛୁ। ରାଜ୍ୟ ମଧ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଫଳ କୋଭିଡ୍ ମୁକାବିଲା ପାଇଁ ସ୍ୱୀକୃତି ହାସଲ କରିଛି ବୋଲି ସେ କହିଥିଲେ। ଏବେ ଯେତେବେଳେ ରୋଗ ନିୟନ୍ତ୍ରଣ, ଜୀବିକା ସୃଷ୍ଟି ଓ ଅର୍ଥନୀତି କ୍ଷେତ୍ରରେ ରାଜ୍ୟ ସ୍ୱାଭାବିକ ପରିସ୍ଥିତିକୁ ଫେରିଆସୁଛି, ସେତେବେଳେ ଆମ ଦେଶ ସହିତ ବିଶ୍ୱର ଅନେକ ଦେଶରେ କୋଭିଡର ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଆମ ଦେଶରେ ଦ୍ୱିତୀୟ ସଂକ୍ରମଣ ଆରମ୍ଭ ହେବା ପରି ପରିସ୍ଥିତି ଲକ୍ଷ୍ୟ



କରାଯାଇଛି। ତେଣୁ ଏଭଳି ପରିସ୍ଥିତିରେ ଦ୍ୱିତୀୟ ସଂକ୍ରମଣକୁ ରୋକିବା ପାଇଁ ମାସ୍କ ବ୍ୟବହାର ଓ ହାତଧୂଆ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ନେବା ଜରୁରୀ। ବିଶେଷକରି ସର୍ବସାଧାରଣ ସ୍ଥାନରେ ମାସ୍କ ବ୍ୟବହାରର ଦୃଢ଼ ଅନୁପାଳନକୁ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ଜିଲ୍ଲା ଗୁଡିକ ନିଜ ନିଜ ଅଞ୍ଚଳର ସ୍ଥାନୀୟ ନେତୃବୃନ୍ଦ, ପଞ୍ଚାୟତ ପ୍ରତିନିଧି ଓ ଧାର୍ମିକ ସଂସ୍ଥା ଆଦି ବିଭିନ୍ନ ଆବଶ୍ୟକ ବ୍ୟକ୍ତି ଓ ସଂସ୍ଥାମାନଙ୍କ ସହିତ ସଚେତନତା ଓ ସମନ୍ୱୟ ବୈଠକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅନେକ ଦେଶରେ କୋଭିଡର ଦ୍ୱିତୀୟ ଲହର ପ୍ରଥମ ଲହର ଠାରୁ ଅଧିକ ଭୟଙ୍କର ହେଉଛି। ଏସବୁ ଦେଶ ପୁଣି ଲକ୍‌ଡାଉନ ପରିସ୍ଥିତିକୁ ଫେରୁଛନ୍ତି। ଆମ ପକ୍ଷରେ ପୁଣିଥରେ ଲକ୍‌ଡାଉନକୁ ଫେରିବା ବହୁତ କ୍ଷତିକାରକ ହେବ। ତେଣୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଥିଲେ ଯେ, ଆମ ସମସ୍ତେ ଆତ୍ମ ସଂଯମତା ପାଳନ କରିବା ସହିତ ରାଜ୍ୟର ସବୁ ସ୍ଥାନରେ କୋଭିଡ ନିୟମାବଳୀର ଅନୁପାଳନକୁ ସୁନିଶ୍ଚିତ କରିବା। ଦ୍ୱିତୀୟ ଲହର ନ ହେବା ପାଇଁ ରାଜ୍ୟ ପ୍ରଶାସନ ନୂତନ ଉତ୍ସାହ ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ସମସ୍ତେ ସତର୍କ ରହିବା ଏବଂ ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ପ୍ରତିରୋଧମୂଳକ ପଦକ୍ଷେପକୁ କାର୍ଯ୍ୟକାରୀ କରିବା। ପରିସ୍ଥିତି ଉପରେ ସତର୍କ ନଜର ରଖିବା ସହ ନିୟମିତ ସମୀକ୍ଷା କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଓ ଏସ୍‌ପି ମାନେ ନିଜ ନିଜ ଅଞ୍ଚଳରେ ବ୍ୟକ୍ତିଗତ ଭାବେ ଏହି ଅନୁପାଳନକୁ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ବ୍ୟାପକ ପ୍ରଚାର ଓ ଆଇଇସି କ୍ୟାମ୍ପେନ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଗାଁ, ସାପ୍ତାହିକ ହାଟ ଓ ଭିଡ ପରିଲକ୍ଷିତ ହେଉଥିବା ମାର୍କେଟରେ ଡାକବାଜି ଯନ୍ତ୍ର ଜରିଆରେ ସମସ୍ତ ନିୟମାବଳୀ ଓ ଜରୁରୀ ସୂଚନା ସମ୍ପର୍କରେ ତୁରନ୍ତ ଘୋଷଣା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳମାନେ ନିଜ ନିଜ ଅଞ୍ଚଳରେ ସର୍ଭେଲାନ୍ସ ଓ ଟେଷ୍ଟିଂ କାର୍ଯ୍ୟକ୍ରମକୁ କଡାକଡି ଭାବରେ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମଗ୍ର ପ୍ରଶାସନିକ କଳକୁ ପରିସ୍ଥିତିର ଗମ୍ଭୀରତା ଅନୁଭବ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ସମସ୍ତେ ନିଜ ନିଜକୁ କୋଭିଡ୍ ଯୁଦ୍ଧରେ ପୁଣିଥରେ ନିଷ୍ଠାର ସହ ସାମିଲ କରିବା ପାଇଁ ନିବେଦନ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ କୋଭିଡ ନିୟମକୁ ଅଧିକ କଡାକଡି ଭାବରେ ପାଳନ କରାଯିବ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ଦେଇଥିଲେ। ଗତ କିଛିଦିନ ହେଲା କୋଭିଡ୍ ପଜିଟିଭ କେସ୍‌ରେ ସାମାନ୍ୟ ବୃଦ୍ଧି ଆସିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ, ରାଜ୍ୟର ସୁନ୍ଦରଗଡ, ମୟୂରଭଞ୍ଜ, କଟକ ଓ ଖୋର୍ଦ୍ଧା ଏହି ୪ଟି ଜିଲ୍ଲାରେ ରାଜ୍ୟରେ ବାହାରୁଥିବା ପଜିଟିଭ ସଂଖ୍ୟାର ୪୦% ଥିବା ବେଳେ ନୟାଗଡ ଓ ମାଲକାନଗିରିରେ କେହି ଜଣେ ବି ପଜିଟିଭ ନାହାନ୍ତି ବୋଲି ସେ କହିଥିଲେ। ବର୍ତ୍ତମାନ ରାଜ୍ୟରେ ୮୯୮ଜଣ ସକ୍ରିୟ ରୋଗୀ ଥିବା ବେଳେ ୧୦୬ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଏବଂ ରାଜ୍ୟର କୋଭିଡ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ। ଆରଟିପିସିଆର ଟେଷ୍ଟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ରେଡ୍ ଫ୍ଲାଗ୍ ରାଜ୍ୟ ଗୁଡିକରୁ ଆସୁଥିବା ଲୋକମାନଙ୍କୁ କଡାକଡି ଯାଞ୍ଚ କରାଯାଉଛି। ଟିକାକରଣ ସମ୍ପର୍କରେ ଆଲୋକପାତ କରି ସେ କହିଲେ ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୮.୮୧ ଲକ୍ଷ ଲୋକଙ୍କୁ ଟିକା ଦିଆଯାଇସାରିଛି। ଅଧିକ ୨୫ଲକ୍ଷ ଡୋଜ୍ ଟିକା ପଠାଇବା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି ବୋଲି ସେ କହିଥିଲେ। ରାଜ୍ୟରେ ଟିକା ନଷ୍ଟ ପରିମାଣ ୦.୨୪% ରହିଛି, ଯାହାକି ସମଗ୍ର ଦେଶରେ ସବୁଠାରୁ କମ୍ ବୋଲି ସେ କହିଥିଲେ। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କହିଥିଲେ ଯେ, କୋଭିଡ୍ ନିୟମର କଡା ଅନୁପାଳନ ପାଇଁ ପୋଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଷ୍ଟେସନ ଓ ବିମାନ ବନ୍ଦର ଗୁଡିକରେ ବାହାରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ କଡା ନଜର ରଖାଯିବା ସହିତ ସେମାନଙ୍କ ଟେଷ୍ଟିଂ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପିକେ ଜେନା, କୃଷି ଉତ୍ପାଦନ କମିଶନର ଆରକେ ଶର୍ମା, କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ, ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କରୋନା ପାଇଁ ନୂଆ ମାର୍ଗଦର୍ଶିକା
# ଏଣିକି ବିବାହରେ ସର୍ବାଧିକ ୨୦୦



**ଭୁବନେଶ୍ୱର :** ରାଜ୍ୟ ସରକାର କରୋନା ପାଇଁ ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ନୂଆ ଗାଇଡଲାଇନ୍ ଅନୁସାରେ ଲୋକଙ୍କୁ ବାହାଘରରେ ଅତିଥି ସଂଖ୍ୟା ହ୍ରାସ କରିବାକୁ ପଡିବ। ପୂର୍ବରୁ ବାହାଘରରେ ସର୍ବାଧିକ ୫୦୦ ଲୋକଙ୍କୁ ଅନୁମତି ମିଳୁଥିବା ବେଳେ ଏବେ ଏହି ସଂଖ୍ୟା ୨୦୦ କରି ଦିଆଯାଇଛି। ସେହିପରି ଅନ୍ତିମ ସଂସ୍କାର ଓ ଶୁଦ୍ଧିକ୍ରିୟା ସମୟରେ ୫୦୦ ଲୋକଙ୍କ ବଦଳରେ ୫୦ଜଣ ଯୋଗ ଦେଇପାରିବେ। ବାହାଘର ଓ ଶୁଦ୍ଧିକ୍ରିୟା କାର୍ଯ୍ୟରେ ମାସ୍କ ପରିଧାନ କଡାକଡି କରାଯିବ। ଅତିଥିମାନେ ମାସ୍କ ପିନ୍ଧିଛନ୍ତି କି ନାହିଁ, ସେଥିପାଇଁ ଆୟୋଜକଙ୍କୁ ନଜର ରଖିବାକୁ ପଡିବ। ଅତିଥିମାନେ ଯଦି ମାସ୍କ ପିନ୍ଧି ନଥାନ୍ତି, ତା'ହେଲେ ପ୍ରବେଶ ପଥରେ ସେହିମାନଙ୍କୁ ମାସ୍କ ଯୋଗାଇ ଦେବାକୁ ପଡିବ। ନୂଆ କଟକଣା ଚଳିତ ମାସ ୨୬ ତାରିଖ ଠାରୁ ଲାଗୁ ହେବ ବୋଲି କୁହାଯାଇଛି। ନୂଆ ମାର୍ଗଦର୍ଶିକାରେ କୁହାଯାଇଛି ଯେ, କାର୍ଯ୍ୟକ୍ରମ ସ୍ଥଳରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ। ସେହିପରି ଥର୍ମାଲ ସ୍କିନିଂର ବ୍ୟବସ୍ଥା କରାଯିବ। ହାତ ଧୋଇବା ପାଇଁ ସାବୁନ ଓ ପାଣି ଏବଂ ସାନିଟାଇଜର ବ୍ୟବସ୍ଥା କରାଯିବା ବାଧ୍ୟତାମୂଳକ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୯ ମାର୍ଚ୍ଚ - ୦୪ ଏପ୍ରିଲ, ୨୦୨୧

# ପୁଣି ଭୟ, ଆଶଙ୍କା

ଏକବର୍ଷରୁ ଉର୍ଦ୍ଧ୍ୱ ହେବ କରୋନା ମହାମାରୀ ଜନଜୀବନକୁ ଯେଉଁ ଭୟର ବାତାବରଣ ମଧ୍ୟରେ ରଖିଛି, ତାହା ଦେଶବାସୀ ଜାଣିଛନ୍ତି। ମଝିରେ ଅଳ୍ପ କେଇଦିନ ସଂକ୍ରମଣ ସଂଖ୍ୟା କମିଥିଲେ ବି ପୁଣି ଏବେ ସଂକ୍ରମଣ ଗ୍ରାଫ ଉପରମୁହାଁ ହେବା ଦ୍ୱାରା ସେହି ଭୟ, ସେହି ଆତଙ୍କ ଲୋକଙ୍କ ମନକୁ ଗ୍ରାସ କଲାଣି। ଯେତେବେଳେ କରୋନାର ଦ୍ୱିତୀୟ ଲହର ଦେଶର ସାତ ଆଠ ରାଜ୍ୟରେ କାୟା ବିସ୍ତାର କଲା, ସେତେବେଳେ ଓଡ଼ିଶାରେ ସଂକ୍ରମଣ ଶୁନ ସ୍ଥିତିରେ ରହିଥିଲା। ହେଲେ ଏବେ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ରାଜ୍ୟରେ କରୋନା ସଂକ୍ରମିତ ବଢ଼ିଚାଲିଛି। କରୋନାର ବର୍ତ୍ତମାନ ଭୂତାରୁ ନିଜର ରୂପ ପରିବର୍ତ୍ତନ କରି ଆସିଥିବା ବିଶେଷଜ୍ଞମାନେ କହୁଛନ୍ତି। ପ୍ରଥମ କରୋନା ଭୂତାଣୁ ଅପେକ୍ଷା ଏହା ଅଧିକ ଭୟଙ୍କର ଓ ଏହାର ଲକ୍ଷଣରେ ମଧ୍ୟ ପରିବର୍ତ୍ତନ ହୋଇଥିବା ସୂଚନା ମିଳିଛି। ଓଡ଼ିଶାରେ ଏବେ ଚିହ୍ନଟ ହୋଇଥିବା ଭୂତାଣୁ ମଧ୍ୟରେ ବ୍ରିଟେନ ଷ୍ଟ୍ରେନ ଥିବା ନେଇ ସ୍ପଷ୍ଟ ହେବାପରେ ପରବର୍ତ୍ତୀ ସତର୍କତା ନେଇ ମଧ୍ୟ ସଚେତନ ରହିବାକୁ ହେବ। ବ୍ରିଟେନ ଭୂତାଣୁ ଦ୍ରୁତ ବ୍ୟାପିବା ନେଇ ଯେଉଁ ତଥ୍ୟ ସାମ୍ନାକୁ ଆସୁଛି ତାହା ଚିନ୍ତାଜନକ। କାରଣ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଇଲେ ଏହା ଉପରେ ନିୟନ୍ତ୍ରଣ ଆଣିବା ସହଜ ହୋଇନପାରେ। ତେଣୁ ବେଳ ହୁଁ ସାବଧାନ ଭଳି ସତର୍କତା ଦ୍ୱାରା ଏହାକୁ ରୋକି ହେବ। ସାମାଜିକ ଦୂରତା, ମାସ୍କ ଓ ବାରମ୍ବାର ହାତ ଧୋଇବା ଉପରେ ଗୁରୁତ୍ୱ ନଦେଲେ ପରିସ୍ଥିତି ଅଣାୟତ ହୋଇପାରେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏସବିଆଇ ରିପୋର୍ଟ ଚିନ୍ତା ବଢ଼ାଇ ଦେଇଛି। କାରଣ ଷ୍ଟେଟ ବ୍ୟାଙ୍କର ଗବେଷକମାନେ ଗବେଷଣା କରି ଜଣାଇଛନ୍ତି ଯେ, ଦେଶରେ ପୁଣିଥରେ ଦେଖାଦେଇଥିବା କରୋନା ୧୦୦ଦିନ ପର୍ଯ୍ୟନ୍ତ ରହିବ। ଫେବୃଆରୀ ୧୫ଠାରୁ ଆରମ୍ଭ ହୋଇଥିବା କରୋନା ଦ୍ୱିତୀୟ ଲହରକୁ ବିଚାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ ଦୈନିକ ସଂକ୍ରମଣ ଏପ୍ରିଲ ମାସ ମଧ୍ୟଭାଗ ବେଳକୁ ଶୀର୍ଷ ସ୍ତର ଛୁଇଁବ। ସେହି ସମୟ ସୁଦ୍ଧା ଦେଶରେ କରୋନା ଦ୍ୱାରା ପାଖାପାଖି ୨୫ଲକ୍ଷ ଲୋକ ସଂକ୍ରମିତ ହେବାର ଆଶଙ୍କା ରହିଛି। ଗତବର୍ଷ ଯେଉଁ ଅନୁପାତରେ ସଂକ୍ରମଣ ବୃଦ୍ଧି ପାଇଥିଲା ସେହି ଆଧାରରେ ଏଭଳି ରିପୋର୍ଟ ପ୍ରସ୍ତୁତ ହୋଇଥିବା ଜଣାପଡିଛି। ତେବେ କରୋନା ସଂକ୍ରମଣ ଉପରେ ରୋକ ଲଗାଇବା ଲାଗି କେନ୍ଦ୍ର ସରକାର ଟିକାକରଣ ମହାଅଭିଯାନର ବେଗ ବଢ଼ାଇ ଚାଲିଥିଲା ବେଳେ ସବୁ ରାଜ୍ୟକୁ ଏନେଇ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ତେବେ କରୋନାର ଦ୍ୱିତୀୟ ଡୋଜ ଟିକା ନେଇସାରିବା ପରେ ଉତ୍ତରପ୍ରଦେଶର କିଛି ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ସଂକ୍ରମଣ ହୋଇଥିବା ନେଇ ତଥ୍ୟ ସାମ୍ନାକୁ ଆସିଛି। ତେଣୁ ଟିକା ନେବା ପରେ ଲୋକ ସଂକ୍ରମଣର ଶିକାର ହେଲେ ସାଧାରଣରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ଦେଶରେ କରୋନା ସଂକ୍ରମଣ ହାର ବୃଦ୍ଧି ପାଇବାରେ ଲାଗିଥିଲା ବେଳେ ସରକାର ଟିକାକରଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାହିଁ ଉପଯୁକ୍ତ ପନ୍ଥା ବୋଲି କହିଛି ସ୍ୱାସ୍ଥ୍ୟ ବିଭାଗ। କରୋନାର ଦ୍ୱିତୀୟ ଲହରକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି ଯେ, ଲକଡାଉନ୍, ନାଇଟ୍‌କର୍ଫ୍ୟୁ ଦ୍ୱାରା ଦେଶରେ କରୋନା ସଂକ୍ରମଣକୁ ରୋକି ହେବନାହିଁ।

ସମ୍ପାଦକୀୟ

ତାରକ ମହାନ୍ତି



ମହାମାରୀ କରୋନାର ବ୍ୟାପକତା ଉପରେ ରୋକ ଲଗାଇବାକୁ ହେଲେ ଟିକାକରଣ, ସାମାଜିକ ଦୂରତା ଏବଂ ମାସ୍କ ପରିଧାନ କରିବାକୁ ପଡିବ। ଜନସାଧାରଣ ଯଦି କରୋନା କଟକଣାକୁ କଡାକଡି ଭାବେ ପାଳନ କରିବେ ତେବେ କରୋନା ସଂକ୍ରମଣ ହାର କମାଯାଇ ପାରିବ। ଟିକାକରଣ ବ୍ୟାପକ ବଢ଼ାଇବା ଦ୍ୱାରା କୋଭିଡ୍ ଭୂତାଣୁ ସଂକ୍ରମଣରେ ବାଧକ ସୃଷ୍ଟି କରାଯାଇପାରିବ। ଏହାସହ ଆଗାମୀ ଦିନ ମାନଙ୍କରେ ଦେଶରେ ପ୍ରତ୍ୟେକ ବୟସର ଲୋକ ଟିକାକରଣ ମହାଭିଯାନରେ ସାମିଲ ହେବାକୁ ପଡିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା କ୍ରମେ ଗତ ଶୁକ୍ରବାର ସକାଳ ୮ଟା ସୁଦ୍ଧା ୨୩ଲକ୍ଷ ଲୋକ କରୋନା ଟିକା ଗ୍ରହଣ କରିସାରିଛନ୍ତି। ଅଦ୍ୟାବଧି ମୋଟ ୫.୫ କୋଟି କରୋନା ଟିକା ଡୋଜ ଦେଶବାସୀଙ୍କୁ ଦିଆଯାଇସାରିଛି। କରୋନା କାଳର ଆଗଧାଡି ଯୋଦ୍ଧାଙ୍କୁ କରୋନା ଟିକାର ପ୍ରଥମ ଡୋଜ୍ ଏବଂ ଦ୍ୱିତୀୟ ଡୋଜ୍ ଦିଆସରିଛି। ଅଦ୍ୟାବଧି ୬୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୪୫ ବର୍ଷରୁ ଅଧିକ ଏକାଧିକ ରୋଗରେ ଆକ୍ରାନ୍ତ ମୋଟ ୫୫,୯୯,୭୭୨ଜଣ କରୋନା ଟିକା ଗ୍ରହଣ କରିସାରିଛନ୍ତି। ରବିବାର ସୁଦ୍ଧା ଦେଶରେ ଆରମ୍ଭ ହୋଇଥିବା ଟିକାକରଣ ଅଭିଯାନକୁ ୭୧ ଦିନ ହେବ। ଏପ୍ରିଲ ୧ ତାରିଖରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକ ଏହି ଟିକାକରଣ ଅଭିଯାନରେ ସାମିଲ ହେବେ। ତେବେ ଆମ ରାଜ୍ୟରେ ୟୁକେ ଷ୍ଟ୍ରେନ୍ ମିଳିବା ସୂଚନା ପରେ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଛି। ଅଦ୍ୟାବଧି ଏକଥା ସ୍ପଷ୍ଟ ହୋଇନାହିଁ ଯେ, ଓଡ଼ିଶାରେ କରୋନାର କେଉଁ ଷ୍ଟ୍ରେନ୍ ସଂକ୍ରମଣ ବଢ଼ାଉଛି। ସଂକ୍ରମଣର ସ୍ଥିତିକୁ ଦେଖି ରାଜ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନର ଜିଲ୍ଲାପାଳ ଓ ପୌର କର୍ତ୍ତୃପକ୍ଷମାନଙ୍କୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି। ହୋଲି ପର୍ବ, ଏପ୍ରିଲ ପହିଲା ଓ ଦଣ୍ଡ ଯାତ୍ରାକୁ କିପରି କଟକଣା ମାଧ୍ୟମରେ ପାଳନ କରାଯିବ ସେ ନେଇ ଏହି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି। ଏହାରି ଭିତରେ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ କରୋନା ସଂକ୍ରମଣ ଦିନକୁ ଦିନ ନୂଆ ରେକର୍ଡ ସୃଷ୍ଟି କରିଚାଲିଛି। କୋଭିଡ୍‌ର ଦ୍ୱିତୀୟ ଲହର ଆଶଙ୍କାରେ ଗୋଟିଏ ପରେ ଗୋଟିଏ କଟକଣା ଜାରି କରୁଛନ୍ତି। ବଡଧରଣର ସମାବେଶ ଉପରେ ଅଧିକ କଟକଣା ଲାଗୁ କରାଯାଇଛି। ତେଣୁ ପର୍ବପର୍ବାଣୀ ସମୟରେ ବା ଧାର୍ମିକ ଉତ୍ସବରେ ଅଧିକ ଲୋକ ଯୋଗଦେବା ବିପଦପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସତର୍କ କରାଯାଉଥିଲେ ବି କେତେକ ଲୋକ ଏହାକୁ ମାନୁନଥିବା ଜଣାପଡିଛି। ତେଣୁ ଏଭଳି ଅମାନିଆଙ୍କ ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିପଦ ଭିତରକୁ ଟାଣି ହୋଇଯିବାର ଆଶଙ୍କାକୁ ଅସ୍ୱୀକାର କରିହେବନାହିଁ। କରୋନା ଆରମ୍ଭ ବେଳେ ଜନସାଧାରଣ ଯେଉଁ ଅନୁସାରେ ସଜାଗ ରହିଥିଲେ ଏବଂ କରୋନା କଟକଣାର ନିୟମ ପାଳନ କରିଚାଲିଥିଲେ ବର୍ତ୍ତମାନ ସମୟରେ ପୁଣିଥରେ ସେଭଳି ସତର୍କ ହେବାକୁ ପଡିବ। ସାମାଜିକ ଦୂରତା, ମାସ୍କ ପରିଧାନ ଓ ବାରମ୍ବାର ହାତ ଧୋଇବା ଉପରେ ଆମକୁ ଗୁରୁତ୍ୱ ଦେବାକୁ ହେବ। ପ୍ରଶାସନିକ କଟକଣା ମାନି ନିଜେ ସତର୍କ ରହି କରୋନାଠୁ ବଞ୍ଚିବାର ସବୁ ପ୍ରକାର ନିୟମକୁ ମାନି ଚଳିଲେ ଆମେ ମହାମାରୀ କରୋନାର ଭୟକୁ ଦୂର କରିପାରିବା। ନିଜ ସ୍ୱାସ୍ଥ୍ୟ ନିଜେ ସୁରକ୍ଷିତ ରଖି ଅନ୍ୟମାନଙ୍କୁ କରୋନାରୁ ବଞ୍ଚିବାର ପ୍ରେରଣା ଦେବା ଆମର ପ୍ରଧାନ କର୍ତ୍ତବ୍ୟ। ତେଣୁ ବିପଦ ବେଳେ ଧୈର୍ଯ୍ୟ ରଖି ପ୍ରତ୍ୟେକ ନାଗରିକ କାର୍ଯ୍ୟ କରିବା ସହିତ ପରିବାର ଓ ସମାଜକୁ ମହାମାରୀ କରୋନା ବିପତ୍ତିରୁ ବଞ୍ଚାଇବା ନିମନ୍ତେ ଦୃଢ଼ ସଂକଳ୍ପ ନେବାର ଆବଶ୍ୟକତା ରହିଛି। କାରଣ କରୋନା ପରି ଏକ ଭୟଙ୍କର ଭୂତାଣୁର ପରାକ୍ରମକୁ ଗତ ବର୍ଷେ ହେଲା ସାରା ବିଶ୍ୱ ଭୋଗୁଛି। ଏଣୁ ବେଳହୁଁ ସାବଧାନ ଭଳି ପନ୍ଥା ଅବଲମ୍ବନ କରି ସମସ୍ତ ପ୍ରକାର କଟକଣା ପାଳନ କରିବାକୁ ପ୍ରାଥମିକତା ଦେବା ହିଁ ଆଜିର ଆହ୍ୱାନ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦେଶ ମାତୃକାର ମୁକ୍ତି ପାଇଁ ତ୍ରିଭ୍ରାତାଙ୍କ ଆତ୍ମୋତ୍ସର୍ଗ



ପ୍ରଦୀପ୍ତ ଆଚାର୍ଯ୍ୟ

ଦେଶ ମାତୃକାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ, ଗୋଟିଏ ପରିବାରର ତିନି ତିନୋଟି ସନ୍ତାନ ମୁକ୍ତି ସଂଗ୍ରାମରେ ପ୍ରାଣ ବିସର୍ଜନ କରିବା ପରି ଘଟଣା ବୋଧହୁଏ ପୃଥିବୀରେ ବିରଳ। ତାହା କିନ୍ତୁ ବାସ୍ତବତାର ରୂପ ନେଇଥିଲା, ମହାରାଷ୍ଟ୍ରର ପୁନାସ୍ଥିତ ଏକ ବ୍ରାହ୍ମଣ ପରିବାର,ହରି ଚାପେକାରଙ୍କର ପରିବାରରେ। ଭାରତୀୟ ମାନେ ଯେତେବେଳେ ,ଇଂରେଜ ମାନଙ୍କର ଦୀର୍ଘଦିନବ୍ୟାପୀ ଦମନଲୀଳା ଓ ଶୋଷଣରେ ଅତିଷ୍ଠହୋଇଯାଇଥିଲେ, ଠିକ୍ ସେତିକିବେଳେ ସ୍ୱାମୀ ବିବେକାନନ୍ଦଙ୍କର ଓଜସ୍ୱିନୀ ଅଗ୍ନିବର୍ଷୀ ବକ୍ତବ୍ୟ, ସଶସ୍ତ୍ର ବିପ୍ଳବୀ ମାନଙ୍କର ରକ୍ତରେ କରିଥିଲା ଅଗ୍ନି ସଂଯୋଗ। ତାଙ୍କର ବକ୍ତବ୍ୟ ଥିଲା, ଯେତେବେଳେ ଭାରତୀୟ ମୁନିଋଷିମାନେ ବେଦ ଉପନିଷଦ ପରି ମୂଲ୍ୟବାନ ଗ୍ରନ୍ଥ ରଚନାରେ ବ୍ୟସ୍ତ ଥିଲେ,ସେତେବେଳେ ୟୁରୋପୀୟ ମାନେ ଆଦିମ ଅଧିବାସୀ ରୂପେ ବଣ ଜଙ୍ଗଲରେ କାଳାତିପାତ କରୁଥିଲେ।ଇଂରେଜ ମାନେ ଭାରତୀୟ ମାନଙ୍କଠାରୁ କୌଣସି ଗୁଣରେ ଅଧିକ ନୁହନ୍ତି। ଶିକ୍ଷା ଶୌର୍ଯ୍ୟ ସାହସିକତା ଓ ମାନବିକତା ପରି ସ୍ୱର୍ଗୀୟ ଗୁଣ ଗୁଡିକ ଭାରତୀୟ ମାନଙ୍କଠାରେ ଭରପୁର୍, ଯାହା ଇଂରେଜ ମାନଙ୍କ ପାଖରେ ନାହିଁ। ଯେଉଁଦିନ ଭାରତୀୟ ମାନେ ଆତ୍ମ ବିଶ୍ୱାସ ଦୃଢକରି, ଇଂରେଜ ଶାସନ ବିରୁଦ୍ଧରେ ସକ୍ରିୟ ହୋଇ ଉଠିବେ,ସେହିଦିନହିଁ ଇଂରେଜ ମାନେ ଏ ଦେଶରୁ ବିଦାୟ ନେବେ।ବାରୁଦଗଦାରେ ଅଗ୍ନି ସଂଯୋଗ ପରି ଏହି ଦୃଢୋକ୍ତି ମହାରାଷ୍ଟ୍ରର ବିପ୍ଳବୀ ମାନଙ୍କର ମାନସପଟରେ ବିପନ କରିଦେଇଥିଲା ସଶସ୍ତ୍ର ସଂଗ୍ରାମର ବୀଜ। ସେହି ବୀଜର ଅଙ୍କୁରୋଦଗମ ହୋଇଥିଲା ମହାଦେବ ଗୋବିନ୍ଦ ରାଣାଡେ ନାମକ ଜଣେ ଦୁର୍ଦ୍ଧର୍ଷ ବିପ୍ଳବୀଙ୍କ ଦ୍ୱାରା ଗଠିତ ଏକ ବୈପ୍ଳବିକ ସଂଗଠନ (ସାର୍ବଜନୀନ ସଭା) ଦ୍ୱାରା। ଇଂରେଜ ମାନଙ୍କୁ ଦେଶରୁ ସମ୍ପୂର୍ଣ୍ଣ ବହିଷ୍କାର କରିବାର ଶପଥ ନେଇ , ଏହି ସଂସ୍ଥାରେ ମହାରାଷ୍ଟ୍ରର ଶହଶହ ବିପ୍ଳବୀ ଯୁବକ ସାମିଲ ହୋଇଥିଲେ। ତନ୍ମଧ୍ୟରେ ଥିଲେ ଅନ୍ୟତମ ଉତ୍ସର୍ଗୀକୃତ ଦେଶଭକ୍ତ ବିପ୍ଳବୀ ବାସୁଦେବ ବଳବନ୍ତ ଫାଡକେ। ଛତ୍ରପତି ଶିବାଜୀଙ୍କର ଉତରାଧିକାରୀ ରୂପେ ମର୍ମେମର୍ମେ ଉପଲବ୍ଧି କରିଛନ୍ତି ସ୍ୱାଧୀନତାର ଗୁରୁତ୍ୱ। ଆଜନ୍ମ ବିପ୍ଳବୀ ସେମାନେ ,ବିପ୍ଳବ ତାଙ୍କର ଅସ୍ଥିମଜ୍ଜାଗତ। ଫାଡକେଙ୍କ ଦ୍ୱାରା ଗଠିତ (ଉପଜାତି ସଂଗଠନ) ଆରମ୍ଭ କରିଦେଲେ ଇଂରେଜ ଅଫିସର ଏବଂ ସେମାନଙ୍କ ସମର୍ଥକଙ୍କ ଉପରେ ଦମନଲୀଳା। ସେମାନଙ୍କର ଯୁକ୍ତିଥିଲା, ଗୋଟିଏ ଇଂରେଜ ଅଫିସରକୁ ଖତମ କରିଦେଲେ,ଶହଶହ ଭୀରୁ ଇଂରେଜ ମାନଙ୍କ ମନରେ ମୃତ୍ୟୁଭୟ ଶତଗୁଣିତ ହେବ ଏବଂ ଆତ୍ମବିଶ୍ୱାସ ହରାଇ ନିଷ୍କ୍ରିୟ ହୋଇଯାଇଥିବା ଭାରତୀୟ ମାନଙ୍କ ମନରେ ସୃଷ୍ଟି ହେବ ନିର୍ଭିକତା। ତାଙ୍କ ଶିକାର ତାଲିକାର ପରବର୍ତ୍ତୀ ଲକ୍ଷ୍ୟ ଥିଲା ବମ୍ବେର ଗଭର୍ଣ୍ଣର ରିଚାର୍ଡ ଟେମ୍ପଲ। କିନ୍ତୁ ବିଧିର ବିଡମ୍ବନା,ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ୧୮୬୯ ମସିହା ଜୁଲାଇ ୩ ତାରିଖରେ ବାସୁଦେବ ପୋଲିସ ହାତରେ ଧରା ପଡିଯାଇଥିଲେ ଏବଂ ବିଚାରରେ ତାଙ୍କୁ ନିର୍ବାସିତ କରାଗଲା ଆଫ୍ରିକାର ଏଡେନ ବନ୍ଦରସ୍ଥିତ ଏକ ବନ୍ଦୀଶାଳାକୁ। ସେହିଠାରେ ସେ ଇହଧାମ ପରିତ୍ୟାଗ କରିଥିଲେ ଏବଂ ସେ ଥିଲେ ଭାରତର ପ୍ରଥମ ସହିଦ ଯିଏକି ବିଦେଶ ବନ୍ଦୀଶାଳାରେ ସହିଦ ହେବାର ଗୌରବାର୍ଜନ କରିଥିଲେ। ତାଙ୍କ ବିୟୋଗରେ ବିପ୍ଳବୀ ମହଲରେ ଏକ ସୁଦକ୍ଷ ନେତୃତ୍ୱର

ଅଭାବ ପରିଲକ୍ଷିତ ହେବା ସମୟରେ ,ସଶସ୍ତ୍ର ମୁକ୍ତି ସଂଗ୍ରାମର ଭାଗ୍ୟାକାଶରେ ଉଦୟ ହେଲେ ଏକ ଉଜ୍ଜଳ ଦିପ୍ତୀମନ୍ତ ସୂର୍ଯ୍ୟ ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ। ତାଙ୍କର ବିପ୍ଳବାତ୍ମକ ରଚନା ଓ ଅଗ୍ନିବର୍ଷୀ ବକ୍ତବ୍ୟ ଯୁବବିପ୍ଳବୀ ମାନଙ୍କର ରକ୍ତରେ ଭରିଦେଇଥିଲା ଅଗ୍ନି ସ୍ଫୁଲିଙ୍ଗ ଏବଂ ମୁକ୍ତି ସଂଗ୍ରାମରେ ଆତ୍ମୋତ୍ସର୍ଗର ଅଭୁତପୂର୍ବ ଉଦ୍ଦାମତା। ଜନମାନସରେ ଦେଶାତ୍ମବୋଧ ଏବଂ ନିର୍ଭୀକତା ସୃଷ୍ଟି ନିମନ୍ତେ, ତିଳକଙ୍କ ନିର୍ଦ୍ଦେଶରେ ମହାରାଷ୍ଟ୍ରରେ ସର୍ବତ୍ର ପାଳିତ ହେଲା ଶିବାଜୀ ଜୟନ୍ତୀ ଏବଂ ଗଣପତି ପୂଜା। ସେହି ସମୟରେ ବମ୍ବେ ଏବଂ ପୁନା ସହରରେ ଆରମ୍ଭ ହୋଇଗଲା ଭୟାବହ ମହାମାରୀ ପ୍ଲେଗ୍, ଯେଉଁଥିରେକି ଚିକିତ୍ସାର ଅଭାବ ଏବଂ ସରକାରୀ ଉଦାସୀନତା ନିମନ୍ତେ ଶହଶହ ଲୋକ ଅକାଳରେ ମୃତ୍ୟୁ ବରଣ କରିଥିଲେ। ମାନବିକତା ଶୂନ୍ୟ ସରକାର ପୋଲିସ ସହାୟତାରେ ରୁଗ୍ଣ ବ୍ୟକ୍ତି ମାନଙ୍କୁ ବଳପୂର୍ବକ ସହରରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଲାଗି ପଡିଲେ। ପୁନାର ତତ୍କାଳୀନ ଶ୍ୱେତାଙ୍ଗ ଶାସକ ମିଷ୍ଟର ର୍ୟାଣ୍ଡସ୍‌ର ଅଦୁରଦର୍ଶିତା ଯୋଗୁ ତାଙ୍କ ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି ହେଲା। ପୁନାର ହରି ଚାପେକାରଙ୍କ ପତ୍ନୀଙ୍କ ସ୍ୱର୍ଣ୍ଣଗର୍ଭରୁ ୧୮୬୯ରେ ଜନ୍ମୀତ ଦାମୋଦର,୧୮୭୩ରେ ଜନ୍ମୀତ ବାଳକୃଷ୍ଣ ଏବଂ ୧୮୮୦ରେ ଜନ୍ମୀତ ବାସୁଦେବ,ତିନୋଟିଯାକ ସନ୍ତାନ ଥିଲେ ଆବାଲ୍ୟ ଦେଶପ୍ରେମୀ। ସେମାନଙ୍କ ସହ ସାମିଲ ହୋଇଥିଲେ ଆଉ ଜଣେ ଦୁର୍ଦ୍ଧର୍ଷ ବିପ୍ଳବୀ ମହାଦେବ ବିନାୟକ ରାଣାଡେ। ଏ ସମସ୍ତଙ୍କ ଗୋଟିଏ ଲକ୍ଷ୍ୟଥିଲା ମିଷ୍ଟର ର୍ୟାଣ୍ଡସ୍‌ର ନିଧନ। ଗୋଟିଏ ର୍ୟାଣ୍ଡସ୍‌ର ନିଧନରେ ଶତଶତ ଅତ୍ୟାଚାରୀ ଶାସକଙ୍କର ହୃତକମ୍ପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ,ର୍ୟାଣ୍ଡସ୍‌କୁ ଚିହ୍ନି ତାର ଗତିବିଧି ଉପରେ ନଜର ରଖିବାର ଦାୟୀତ୍ୱ ବହନ କଲେ ବାସୁଦେବ। ସେଦିନଥାଏ ୧୮୯୭ ଜୁନ ୨୨ତାରିଖ।ପୁନାର ଭିକ୍ଟୋରିଆ ଜୁବୁଲି ହଲ୍‌ରେ ଏକ ବର୍ଣ୍ଣାଢ ସମାବେଶର ମୁଖ୍ୟ ଅତିଥି ଥିଲେ ମିଷ୍ଟର ର୍ୟାଣ୍ଡସ। ସଶସ୍ତ୍ର ଦାମୋଦର ବାଳକୃଷ୍ଣ ଓ ମହାଦେବ ଯୋଜନାର ସଫଳ ରୂପାୟନର ସୁଯୋଗକୁ ଅପେକ୍ଷାରତ। କିନ୍ତୁ ର୍ୟାଣ୍ଡସ୍ ଥିଲା ବନ୍ଧୁକ ରେଞ୍ଜର ବାହାରେ। ତତ୍‌କ୍ଷଣାତ୍ ଯୋଜନାର ରୂପରେଖ ପରିବର୍ତ୍ତନହୋଇଗଲା। ଅନ୍ଧକାର ରାତ୍ରୀର ସୁଯୋଗରେ ତିନିହେଁ ଅପେକ୍ଷାରତ ତାର ବଙ୍ଗଳାକୁ ଫେରିବା ରାସ୍ତାରେ। ପ୍ରଥମେ ରହିଲେ ଦାମୋଦର, ତାର ଅଳ୍ପ କିଛି ଦୁରରେ ବାଳକୃଷ୍ଣ ଏବଂ ସର୍ବଶେଷରେ ରହିଲେ ମହାଦେବ। ନିଶାର୍ଦ୍ଧରେ ଫେରିଲେ ର୍ୟାଣ୍ଡସ୍ ଘୋଡାଗାଡିରେ। ସୁଯୋଗ ଉପଗତ। କାଳବିଳମ୍ବ ନକରି ଅନ୍ଧକାରରେ ଦାମୋଦର ର୍ୟାଣ୍ଡସକୁ ଠିକ୍ ଭାବରେ ଚିହ୍ନିବାପରେ ଲକ୍ଷ୍ୟ ସ୍ଥିରକରି ଲାଗଲାଗ ଦୁଇଟି ଗୁଳି ଫୁଟାଇଦେଲେ। ରିଭଲଭର ଗୁଳିର ଶବ୍ଦ ସାଙ୍ଗକୁ ର୍ୟାଣ୍ଡସର ଆର୍ତଚିତ୍କାର ଥରାଇ ଦେଇଥିଲା ରାତ୍ରୀର ନିସ୍ତବ୍ଧତାକୁ। ତାଙ୍କ ପଛରେ ଆଉ ଗୋଟିଏ ଗାଡିରେ ଆସୁଥିଲେ ର୍ୟାଣ୍ଡସର ପ୍ରଧାନ ସହକାରୀ ମିଷ୍ଟର ଆର୍ୟଷ୍ଟ। ସୁଯୋଗକୁ ହାତଛଡା କଲେନାହିଁ ବାଳକୃଷ୍ଣ। କିଛି ମିନିଟ ମଧ୍ୟରେ ଗର୍ଜି ଉଠିଲା ତାଙ୍କ ହସ୍ତର ରିଭଲଭର ଏବଂ ଆର୍ୟଷ୍ଟର ଆର୍ତଚିତ୍କାର। ନିସ୍ତବ୍ଧ ରାତ୍ରୀର ଘନ ଅନ୍ଧକାର ମଧ୍ୟରେ ଅଦୃଶ୍ୟ ହୋଇଗଲେ ବିପ୍ଳବୀତ୍ରୟ। ସକାଳୁ ସକାଳୁ ଖବର ପ୍ରସାରିତ ହେବାପରେ ,ସ୍ତବ୍ଧ ହୋଇଗଲା ସାରା ଦେଶ। ସଶସ୍ତ୍ର ବିପ୍ଳବର ଶୁଭଶଙ୍ଖର ଶବ୍ଦରେ ପ୍ରକମ୍ପିତ ହେଲା ଆକୁମାରୀ ହିମାଚଳର ଗଗନ ପବନ। ଧନ୍ୟଧନ୍ୟ ମହାରାଷ୍ଟ୍ରର ବିପ୍ଳବୀ। ଦୀର୍ଘ ତିନି ମାସର ଖୋଜାଖୋଜି ପରେ ପ୍ରଥମେ ଧରା ପଡିଗଲେ ବିପ୍ଳବୀ ଦାମୋଦର। ବିଚାରର ପ୍ରହସନ

ପରେ ତାଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଗଲା। ବିଚାର ବେଳେ ବିପ୍ଳବୀ ଦାମୋଦର ଯେଉଁ ଜମାନବନ୍ଦୀ ଦେଇଥିଲେ ତାହା ମୁକ୍ତିସଂଗ୍ରାମ ଇତିହାସର ଏକ ସ୍ମରଣୀୟ ଘଟଣା। ତାଙ୍କର ବକ୍ତବ୍ୟ ଥିଲା ଆପୋଷରେ ଯେଉଁ ସ୍ୱାଧୀନତା ଆସେ,ତାହା ପରାଧୀନତାର ରୂପାନ୍ତର ମାତ୍ର। ନତଜାନୁ ହୋଇ ଆତ୍ମସମ୍ମାନ ଭିକ୍ଷା କରିବା ଅପେକ୍ଷା,ଶକ୍ତି ଓ ସାମର୍ଥ୍ୟ ବଳରେ ଆତ୍ମସମ୍ମାନ ହାସଲ କରିବା ଶ୍ରେୟସ୍କର। ମୋର ପରମ ଆନନ୍ଦ ମୁଁ ଏହି ଅଭିଯାନ ଦ୍ୱାରା ମୋର ଦାୟୀତ୍ୱ ସମ୍ପାଦନ କରିବାକୁ ଯାଇ ମୃତ୍ୟୁଦଣ୍ଡ ପରି ସର୍ବୋଚ୍ଚ ପୁରସ୍କାର ପାଇଛି। ଏକ ସୁନ୍ଦର ଶାନ୍ତ ପ୍ରଭାତରେ ,ଭଗବତ୍ ଗୀତାକୁ ହସ୍ତରେ ଧାରଣକରି ,ଗର୍ବିତ ଠାଣିରେ ପୁନା ସେଂଟ୍ରାଲ ଜେଲ୍‌ର ଫାଶିମଂଚକୁ ଆରୋହଣ କଲେ ଦାମୋଦର। ତାର ଦୁଇବର୍ଷ ପରେ ହାଇଦ୍ରାବାଦର ନିଜାମ,ଅର୍ଥ ଲୋଭରେ ମଝିଆଁ ଭାଇ ବାଳକୃଷ୍ଣଙ୍କୁ ଧରାଇ ଦେଇଥିଲେ ଇଂରେଜ ସରକାରଙ୍କ ହସ୍ତରେ। ବଡଭାଇଙ୍କ ଫାଶୀ ଏବଂ ମଝିଆଁ ଭାଇଙ୍କ ଗ୍ରେପ୍ତାର, ଅଗ୍ନି ସଂଯୋଗ କରିଦେଲା କନିଷ୍ଠ ଭ୍ରାତା ବାସୁଦେବଙ୍କ ରକ୍ତରେ।ବିପ୍ଳବୀ ରାଣାଡେ ମଧ୍ୟ ତାଙ୍କ ସାଙ୍ଗରେ ଯୋଗ ଦେଲେ। ପ୍ରତିଶୋଧ ପରାୟଣ ହୋଇ ସେମାନେ ପୋଲିସ ଦଲାଲ୍ ଗଣେଷ ଶଙ୍କର ଦ୍ରେଭିଡ ଓ ତାଙ୍କ ସାନଭାଇ ରାମଚନ୍ଦ୍ର ଦ୍ରେଭିଡଙ୍କୁ ନିର୍ମମ ଭାବରେ ହତ୍ୟା କଲେ। ଉଭୟ ବିପ୍ଳବୀ ଶେଷରେ ଧରାପଡି ଫାଶୀ ଦଣ୍ଡରେ ଦଣ୍ଡିତ ହେଲେ। ସେତେବେଳକୁ ବାଳକୃଷ୍ଣଙ୍କର ବିଚାର ମଧ୍ୟ ଶେଷ ହୋଇଯାଇଥିଲା। ଜ୍ୟେଷ୍ଠ ଭ୍ରାତାଙ୍କ ପଦାଙ୍କ ଅନୁସରଣ କରି ଆଗପଛ ହୋଇ ତିନି ବିପ୍ଳବୀ ଫାଶିମଂଚକୁ ଆରୋହଣ କଲେ। ୧୮୯୮ ଏପ୍ରିଲ ୧୮ରେ ଦାମୋଦର, ମେ ୮ରେ ବାସୁଦେବ ଏବଂ ୧୮୯୯ ମେ ୧୨ରେ ବାଳକୃଷ୍ଣଙ୍କର ପବିତ୍ର ଶରୀରକୁ ଆଲିଙ୍ଗନ କରି ଧନ୍ୟ ହୋଇଯାଇଥିଲା ପୁନା ସେଂଟ୍ରାଲ ଜେଲ୍‌ର ଫାଶିଖୁଂଟ।ତିନି ତିନୋଟି ସନ୍ତାନକୁ ସ୍ୱାଧୀନତା ଯୁପକାଷ୍ଠରେ ବଳିରୂପେ ଉତ୍ସର୍ଗ କରିଦେଇଥିବା ସ୍ୱର୍ଣ୍ଣଗର୍ଭା ମାତା କିଏ ? କଣ ଥିବ ତାଙ୍କର ମାନସିକ ଅବସ୍ଥା ? ଏହି କଥା ଅଧ୍ୟୟନ କରିବାକୁ ସୁଦୁର କଲିକତାରୁ ସ୍ୱାମୀଜିଙ୍କ ମାନସ କନ୍ୟା ବିପ୍ଳବିଣୀ ଭଗ୍ନୀ ନିବେଦିତା ଯାଇଥିଲେ ପୁନା ସହରକୁ।ପଦସ୍ପର୍ଶ କଲେ ଶିବମୂର୍ତି ସମ୍ମୁଖରେ ଧ୍ୟାନରତା ମହିୟସୀ ଚାପେକାର ଜନନୀଙ୍କର। ମୁଖ ମଣ୍ଡଳରେ ପ୍ରଶାନ୍ତିର ଆଭା, ଚକ୍ଷୁରେ କରୁଣାର ଝଲକ, ଶରୀରରେ ସନ୍ୟାସିନୀର ଆଧ୍ୟାତ୍ମିକ ଭାବ। ଧନ୍ୟ ସେହି ମାତା,ଧନ୍ୟ ମହାରାଷ୍ଟ୍ର ,ଧନ୍ୟ ଭାରତର ମୁକ୍ତି ସଂଗ୍ରାମ।

*(ଭାରତର ସଶସ୍ତ୍ର ମୁକ୍ତି ସଂଗ୍ରାମ ପୁସ୍ତକର ତଥ୍ୟ ଉପରେ ଆଧାରିତ)*

ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

# ସୁବର୍ଣ୍ଣପୁର ରେଳ ଯୋଗାଯୋଗ ସୁନ୍ଦରତା



ସିତାଂଶୁ ଶେଖର ମିଶ୍ର

ସୁବର୍ଣ୍ଣପୁର ଆ।କାରରେ ଏକ ଛୋଟ କିନ୍ତୁ ବଣ ଜଙ୍ଗଲ ନଦନଦୀ ନାଳ ଘେରା ପରିବେଶ ଖୁବ ମନୋରମ। ପାତାଳୀ ଶ୍ରୀ କ୍ଷେତ୍ର ଭଳି ଧରୋହର ଓ ଏହାକୁ ଦ୍ୱିତୀୟ ବାରଣାସୀ ଓ ପ୍ରୟାଗସ୍ଥଳୀ ବୋଲି ମଧ୍ୟ କହିଥାନ୍ତି ଓ ଏହାର ସାଂସ୍କୃତିକ ପୃଷ୍ଠଭୂମି ଯଥେଷ୍ଟ ବଳିଷ୍ଠ। ଏଠାକାର ବୁଣାପାଟ, ମଠା ଦେଶ ବିଦେଶରେ ଖୁବ ଆଦୃତ ହୋଇଛି। ରାଜ୍ୟର ଅନ୍ୟତମ ସର୍ବାଧିକ ପୁରାତନ ମନ୍ଦିର ରାଜି ଯୋଗୁଁ ଲୋକଙ୍କର ଆକର୍ଷଣ ରହିଛି। କିନ୍ତୁ ଗମନାଗମନ ବ୍ୟବସ୍ଥା ତତୋଧିକ ଦୁର୍ବଳ ବିଶେଷତଃ ଜିଲ୍ଲାକୁ ରେଳ ଯୋଗାଯୋଗ ସୁନ ସଦୃଶ୍ୟ। ବର୍ତ୍ତମାନ କେନ୍ଦ୍ର ସରକାର ଉଡାଣ ଯୋଜନା କରି ସହରକୁ ସହର ବିମାନସେବା କଳ୍ପନା ଓ ଯୋଜନା କରିଥିବା ବେଳେ ଏ ଜିଲ୍ଲାର ଜନସାଧାରଣ ଟ୍ରେନ ଅପେକ୍ଷାରେ ଦିନ ଗଣୁଛନ୍ତି। ଖୋର୍ଦ୍ଧା ବଲାଙ୍ଗିର ରେଳପଥ କାର୍ଯ୍ୟ ଉଭୟ ପଟରୁ ଆରମ୍ଭ ହୋଇଛି ସତ କିନ୍ତୁ ଯେମିତି ଧିର ମନ୍ଥର ଗତିରେ ଚାଲିଛି ଏହାକୁ ଆଉ ଏକ ବା ଦୁଇ ଦଶନ୍ଧି ବିତିବା ଆଶଙ୍କା ପ୍ରକାଶ ପାଉଛି। ସମ୍ବଲପୁର ବଲାଙ୍ଗିର ରେଳପଥ ଜିଲ୍ଲାର ଡୁଙ୍ଗୁରି ପାଲିକୁ ଛୁଇଁ ଯାଇଛି। ଯାହାକି ଜିଲ୍ଲାକୁ ରେଳ ସଂଯୋଗ ଅଛି ବୋଲି ଆତ୍ମ ସନ୍ତୋଷ ପାଇଁ କୁହାଯାଇପାରେ। କାରଣ ଏହା ଜିଲ୍ଲାର ସଦର ମହକୁମା ସହିତ ଏକ ବୃହତ ଅଞ୍ଚଳର ଜନସାଧାରଣଙ୍କ କାମରେ ଆସୁନାହିଁ। କାରଣ ଯୋଉଠି ରେଳ ସ୍ୱପ୍ନ ସେଇଠି ବିମାନ କଥା କିଏ ପଚାରେ। ଏଣୁ ରେଳ ଯୋଗାଯୋଗ କ୍ଷେତ୍ରରେ ବହୁ ପଛରେ ପଡିଯାଇଛି। ଏଥିପାଇଁ ଅସନ୍ତୋଷ ଏ ଜିଲ୍ଲାର ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ନାଗରିକ। କାରଣ ଆମ ଜିଲ୍ଲାରେ ରାଜନୈତିକ ସ୍ଥାଣୁତା ଓ ଲୋକ ପ୍ରତିନିଧି ମାନଙ୍କ ଦୃଷ୍ଟି ଭଙ୍ଗୀର ଅଭାବ ହିଁ ଦୁର୍ଭାଗ୍ୟର କାରଣ ଅଟେ। ପଡୋଶୀ ଜିଲ୍ଲା ସହ ମିଶି ସାଂସଦୀୟ କ୍ଷେତ୍ର ରହିଛି। ଏଣୁ ଦିଲ୍ଲୀ ଦରବାରରେ ରେଳ ଯୋଗାଯୋଗ ସମସ୍ୟା ଆଶାନୁରୂପ ବଳିଷ୍ଠ ଭାବରେ ଉପସ୍ଥାପିତ ହୋଇ ପାରୁନାହିଁ ବୋଲି ଅନୁମେୟ ହୁଏ। ଜିଲ୍ଲାର ମନ୍ତ୍ରୀ ମାନେ ମଧ୍ୟ ଏଥିପାଇଁ ବିଫଳ ହୋଇଥିବା ମନେହୁଏ। ସେହିପରି ପର୍ଯ୍ୟଟନର ବିପୁଳ ସମ୍ଭାବନା ଭରିରହିଛି କିନ୍ତୁ ସେଗୁଡିକ ମଧ୍ୟ ଏହି ଯୋଗାଯୋଗର ଅଭାବ ଯୋଗୁଁ ତାହା ପ୍ରବାହିତ ହୋଇଛି। କିନ୍ତୁ ରେଳ ଯୋଗାଯୋଗର ଅଭାବ ପାଇଁ ଆଜି ଜିଲ୍ଲାର ପର୍ଯ୍ୟଟନ ଶିଳ୍ପ ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନାହିଁ। ରେଳ ଯୋଗାଯୋଗର ଅଭାବ ଯୋଗୁଁ ଜିଲ୍ଲାକୁ ଶିଳ୍ପ ଓ ଶିଳ୍ପପତିମାନେ ମୁହଁ ମୋଡୁଛନ୍ତି ଓ ଆଜି ମଧ୍ୟ ଜିଲ୍ଲା ଶିଳ୍ପ ବିହୀନ ଅଟେ। ଏହି ଜିଲ୍ଲାର ସୌନ୍ଦର୍ଯ୍ୟକୁ ଆହୁରି ସୁନ୍ଦର କରିବା ପାଇଁ ଯୋଗାଯୋଗର ମୁଖ୍ୟଭୂମିକା ରହିଛି କିନ୍ତୁ ଆମେ ଯୋଗାଯୋଗରେ ବହୁତ ପଛରେ ରହିଯାଇଛୁ ଓ ପଡିଯାଇଛୁ, ଯୋଉଥିପାଇଁ ଆମ ଜିଲ୍ଲାର ବଳିଷ୍ଠ ସାଂସ୍କୃତିକ ପୃଷ୍ଠ ଭୂମି ସହିତ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଓ ପର୍ଯ୍ୟଟନ ପାଇଁ ଉପଯୁକ୍ତ ଭିତ୍ତିଭୂମି, ପରିବେଶ ରହିଥିଲେ ମଧ୍ୟ ଏହାର ସଦବିନିଯୋଗ ଏବଂ ଏହାର ଲାଭ ପାଇ ପାରୁନାହୁଁ ତାରିମୁଖ୍ୟ କାରଣ ଯୋଗାଯୋଗ। ନିଶ୍ଚୟ ଏହା ଆମ ଜିଲ୍ଲାର ସ୍ୱାଭିମାନ ପ୍ରତି ଏକ ଆହ୍ୱାନ ହୋଇ ଛିଡା ହୋଇଛି। ସ୍ୱାଧୀନତାର ଏତେ ବର୍ଷ ଓ ଜିଲ୍ଲା ଗଠନର ଆଜି ୨୭ବର୍ଷ ହେଲାପରେ ମଧ୍ୟ ଆମେ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇବାରୁ ବଞ୍ଚିତ ରହିଛୁ। ଗୋଟାଏ ଜିଲ୍ଲା ହେଉ କି ଅଞ୍ଚଳ ତାରି ବିକାଶ ଓ ପରିଚୟ ସୃଷ୍ଟି ହୋଇଥାଏ ଉତ୍ତମ ଯୋଗାଯୋଗ ପାଇଁ। ରେଳ ସେବା ପାଇବା ପାଇଁ ଆଜି ଆମକୁ ଆନ୍ଦୋଳନ କରିବାକୁ ପଡୁଛି, ଯାହାକି ଦୁର୍ଭାଗ୍ୟ ପୂର୍ଣ୍ଣ ଅଟେ। ଆମ ଜିଲ୍ଲାର ବିକାଶର ମାପକାଠି ଏହା ଉପରେ ନିର୍ଭର କରୁଛି। ତେଣୁ ରେଳ ଯୋଗାଯୋଗ କ୍ଷେତ୍ରରେ ସୁଧାର ଆଣିବା ଓ ତତ୍ପରତା ପ୍ରକାଶ କରିବା ଉଚିତ ହେବ। ଆଜି ସୁଦ୍ଧା ଦେଖିବାକୁ ମିଳିଛି ଆମର ବଳିଷ୍ଠ ନେତୃତ୍ୱର ଅଭାବ ସାଙ୍ଗକୁ ନେତୃତ୍ୱ ନେଇଥିବା ନେତୃବର୍ଗଙ୍କ ବଳିଷ୍ଠ ଦୃଷ୍ଟି ଭଙ୍ଗୀର ଅଭାବ ଆଜି ଜିଲ୍ଲାର ଏତେ ପ୍ରାଚୁର୍ଯ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ହୋଇ ମଧ୍ୟ ଆର୍ଥିକ କ୍ଷେତ୍ର ତଥା କର୍ମ ସଂସ୍ଥାନ ପାଇଁ ଏକ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି କରିବାରେ ବିଫଳ ରହିଛୁ। ଯାହାଫଳରେ ଆମେ କର୍ମ ସଂସ୍ଥାନ ଯୋଗାଇବା ଜାଗାରେ ଆମେ କର୍ମ ସଂସ୍ଥାନ ପାଇଁ ଅନ୍ୟ ଜିଲ୍ଲା ତଥା ଅନ୍ୟ ପ୍ରଦେଶକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଛୁ। ଏଦିଗ ପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାର ସବୁ ଫୋରମରେ ଆଲୋଚନା ହେବା କଥା କିନ୍ତୁ ସେତିକି ମଧ୍ୟ ଆମେ କରିବାରେ ବିଫଳ କହିଲେ ଅତ୍ୟୁକ୍ତି ହେବନାହିଁ। ଆମର ବର୍ତ୍ତମାନର ଯୁବସମାଜ, ବୁଦ୍ଧିଜିବୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏଥିପାଇଁ ଆଗକୁ ଆସି ନେତୃବର୍ଗଙ୍କ ଉପରେ ତଥା ସରକାରଙ୍କ ଉପରେ ଆମ ଜିଲ୍ଲାର ଯୋଗାଯୋଗ ଉପରେ ବିଶେଷ ଧ୍ୟାନ ଦେବାକୁ ଚାପ ସୃଷ୍ଟି କରାଯାଉ।

ଆଜି ଯଦି ଜିଲ୍ଲାରେ ପୁଞ୍ଜିନିବେଶ ପାଇଁ ବାହାର କୋଣସି ଉଦ୍ୟୋଗପତି ଆଗ୍ରହ ପ୍ରକାଶ ନକରିବାର ମୁଖ୍ୟ ଅସୁବିଧା ରେଳ ଯୋଗାଯୋଗ ଏ ପର୍ଯ୍ୟନ୍ତ ହୋଇନପାରିବା, ନିଶ୍ଚୟ ଏହା ଉଦବେଗ ଜନକ ଅଟେ। ସେଥିପାଇଁ ଏବେ ଚିନ୍ତା କରିବାର ସମୟ ଅନ୍ୟ ସବୁ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ସରକାରୀ ସ୍ତରରେ ଯୋଜନା ପ୍ରଣୟନ ହେଉଥିବା ବେଳେ ଆମ ଜିଲ୍ଲା ପ୍ରତି ମଧ୍ୟ ଆମ ଜିଲ୍ଲାରେ ରହିଥିବା ବିଭିନ୍ନ ଭିତ୍ତିଭୂମି ପ୍ରତି ମଧ୍ୟ ଗୁରୁତ୍ୱ ଦେବା ଉଚିତହେବ।

ସୁବର୍ଣ୍ଣପୁର ଏକ ଛୋଟ ଜିଲ୍ଲା କିନ୍ତୁ ବହୁତ ସୁନ୍ଦର ଅଟେ। ଏହାର ପ୍ରାକୃତିକ ପରିବେଶ ଅତି ଉତ୍ତମ ଅଟେ। ଏହି ଜିଲ୍ଲାକୁ ଚତୁର୍ଦ୍ଦିଗରୁ ଘେରିରହିଛି ବିଭିନ୍ନ ନଦୀନାଳ ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୀବ ମନୋନିୟ ଓ ଲୋଭନୀୟ ଅଟେ। ଜିଲ୍ଲା ଗଠନ ହେବା ପରେ ଏହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ପୂର୍ବରୁ ଏହା ବହୁତ ଅବହେଳିତ ଭାବରେ ରହିଯାଇଥିଲା, ସେଥିରେ କିଛିକାଂଶରେ ପରିବର୍ତ୍ତନ ହୋଇପାରିଛି। ଏବେ ଆସ୍ତେ ଆସ୍ତେ ଆଗେଇ ଚାଲିଥିବା ବେଳେ ରେଳ କ୍ଷେତ୍ରରେ ଯୋଗାଯୋଗ ଅଭାବ ପରିଲକ୍ଷିତ ହୁଏ। ଯାହାକି ଏବେ କିଛିଦିନ ହେଲା ପ୍ରକୃତ ସତ୍ୟକୁ ଜନସାଧାରଣ ଅନୁଭବ କରୁଛନ୍ତି ଓ ଆମ ବିକାଶ ଧାରାରେ ମନ୍ଥରତା ପାଇଁ ରେଳ ଯୋଗାଯୋଗ ହିଁ ମୁଖ୍ୟ ପ୍ରତିବନ୍ଧକ। ଆମ ବିକାଶ ପାଇଁ ଯୋଗାଯୋଗର ଆବଶ୍ୟକତା ରହିଥିଲା ସେଥିରେ କିଛିକାଂଶରେ ସୁଧାର ଆସିଛି କିନ୍ତୁ ରେଳ ଯୋଗାଯୋଗର ମନ୍ଥରତା ରହିଛି ଓ ନୂତନ ପରିକଳ୍ପନା କରାଯାଉନାହିଁ ଯାହାକି ବିକାଶର ପରିପନ୍ଥୀ ଅଟେ। ଦକ୍ଷିଣ ଓଡ଼ିଶାର ସହିତ ଯୋଗାଯୋଗ ପାଇଁ ସମ୍ବଲପୁର ବ୍ରହ୍ମପୁର ଏକ ରେଳ ପ୍ରକଳ୍ପ ବିନିକା, ସୋନପୁର ହୋଇଯିବାର ଆବଶ୍ୟକତା ରହିଛି ଯାହାକି ଏପର୍ଯ୍ୟନ୍ତ ଆମେ ତାକୁ ସରକାରଙ୍କ ପାଖରେ ରଖି ପାରିନାହୁଁ। ଏଥିପାଇଁ ରାଜନୈତିକ ଉଦାସୀନତା ସମ୍ପୂର୍ଣ୍ଣ ଦାୟୀ ଅଟେ। ଆଜି ଆମ ଜିଲ୍ଲାର ଶିଳ୍ପବିହୀନ ହୋଇ ରହିବା ଓ ପୁଞ୍ଜିନିବେଶ ପାଇଁ ବାହାର କୋଣସି ଉଦ୍ୟୋଗପତି ନ ଆସିବା କାରଣ ହେଉଛି ଆମେ ରେଳ ଯୋଗାଯୋଗ କରିପାରୁନାହୁଁ, ଏହା ହୋଇ ପାରିଲେ ଏହି ଜିଲ୍ଲା ଏକ ସମୃଦ୍ଧଶାଳୀ ଜିଲ୍ଲା ହୋଇ ଗଢିଉଠିବ।

ଏହି ଜିଲ୍ଲାର ଜନସାଧାରଣ ବିକାଶକୁ ଦେଖିଲେ ବହୁତ ଖୁସି ଅନୁଭବ କରିଥାନ୍ତି। ସେଥିପାଇଁ ବହୁତ ବୁଝିବିଚାରି ତାଙ୍କର ପ୍ରତିନିଧି ଚୟନ କରିଥାନ୍ତି। ଏହି କୋଡିଏ ବର୍ଷକୁ ଯଦି ହିସାବକୁ ନେବା ତାହାହେଲେ ରାଜ୍ୟ ଓ କେନ୍ଦ୍ର ପାଇଁ ଯାହାର ଆବଶ୍ୟକତା ଉପଲବ୍ଧିକୁ ନେଇ ପ୍ରତିନିଧି ଚୟନ କରିଥାନ୍ତି, କିନ୍ତୁ ଆମର ଯେହେତୁ ଅଲଗା ପାର୍ଲିଆମେଣ୍ଟ ନିର୍ବାଚନ ମଣ୍ଡଳୀ ପାଇନାହୁଁ, ଆମର ଜିଲ୍ଲାର ବିକାଶ ପାଇଁ ଅନ୍ୟ ପ୍ରତିନିଧିମାନେ ସେତିକି ଗୁରୁତ୍ୱ ଦେଉନଥିବା ମନେ ହୁଏ। ସେଥିପାଇଁ ମଧ୍ୟ ସଂଗ୍ରାମର ଆବଶ୍ୟକତା ରହିଛି। କାରଣ ଜନସଂଖ୍ୟା ବୃଦ୍ଧି ପାଇଛି, ରାଜ୍ୟ ସଂଖ୍ୟା ବୃଦ୍ଧି ପାଇଛି ଦେଶରେ ଜିଲ୍ଲା ସଂଖ୍ୟାରେ ବୃଦ୍ଧି ପାଇଛି। ଅତଏବ ପାର୍ଲିଆମେଣ୍ଟର ମଧ୍ୟ ପୁନର୍ଗଠନର ଆବଶ୍ୟକତା କରୁଛି ଓ ଏହାର ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଲେ ପ୍ରତିନିଧି ଠିକ ହୋଇ ପାରିବ ଓ ଜିଲ୍ଲାର ସ୍ୱର ଦିଲ୍ଲୀ ଦରବାରରେ ପହଞ୍ଚି ପାରିବ ଓ ଏଥିପାଇଁ ପ୍ରୟାସ ଆରମ୍ଭ କରିବାକୁ ପଡିବ। ପୂର୍ବରୁ ଯଦି ଆମର ଏକ ପାର୍ଲିଆମେଣ୍ଟ ନିର୍ବାଚନ ମଣ୍ଡଳୀ ହୋଇଥାନ୍ତା ନିଶ୍ଚୟ ରେଳ କ୍ଷେତ୍ରରେ ଆମ ଜିଲ୍ଲା ଏତେ ଅବହେଳାର ଶିକାର ହୋଇନଥାନ୍ତା, ଯେହେତୁ ଆମ ଜିଲ୍ଲାର ଭୌଗଳିକ ସ୍ଥିତିକୁ ନେଇ ଆବଶ୍ୟକ ପଦକ୍ଷେପ ନିଆଗଲାନାହିଁ ଓ ଏଥିପାଇଁ ଆମର ନିର୍ବାଚିତ ପ୍ରତିନିଧି ମାନେ ମଧ୍ୟ ସ୍ୱର ରଖିନଥିବା ଅନୁମେୟ ହୁଏ। ଯାହାଫଳରେ ରେଳ ଯୋଗାଯୋଗ କ୍ଷେତ୍ରରେ ଆମେ ଅବହେଳିତ ହୋଇ ରହିଗଲୁ ଓ ଜିଲ୍ଲା ରାଜ୍ୟ ମାନଚିତ୍ରରେ ଏକ ଅବହେଳିତ ଜିଲ୍ଲା ଭାବରେ ପରିଚିତ ହେଲା। ଏଥିରୁ ବଳି ଆଉ କଣ ଦୁଃଖ ଓ ପରିତାପର ବିଷୟ ହୋଇପାରେ।

ତେଣୁ ଏବେ ସମସ୍ତଙ୍କ ଗୋଟାଏ ଲକ୍ଷ ରହିବା କଥା କେମିତି ଖୋର୍ଦ୍ଧା ବଲାଙ୍ଗୀର ରେଳପଥର କାର୍ଯ୍ୟ ଆଗେଇ ନେବା ପାଇଁ ରାଜନୈତିକ, ପ୍ରଶାସନିକ ଓ ଜନସାଧାରଣଙ୍କ ତରଫରୁ ନିରନ୍ତର ଏହା ଉପରେ ଦୃଷ୍ଟି ଦେବା ସହିତ ଯଦି ଆମେ ଚିନ୍ତା କରିବା ଓ ଆଉଏକ ନୂତନ ରେଳ ପ୍ରକଳ୍ପ ବିଷୟରେ ପ୍ରସ୍ତାବ ରଖିବା ତାହାହେଲେ ଏହି ଜିଲ୍ଲାର ବିକାଶ ସମ୍ଭବ ହେବ। ଏହା କରାଯାଇପାରିଲେ ଏହି ଜିଲ୍ଲା ଏକ ସୁନ୍ଦର ଜିଲ୍ଲା ରହିଛି ଏହାର ସୁନ୍ଦରତା ଆହୁରି ବଢିଯିବ ସୁତରାଂ ରେଳ ଯୋଗାଯୋଗ ଉପରେ ସମସ୍ତଙ୍କ ଗୁରୁତ୍ୱ ରହୁ।

*ସୋନପୁର*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୧୧

# ବେଳ ଭଲ ନାହିଁ

**ପୁ**ତୁରା ଓ ପୁତୁରାବୋହୂମାନଙ୍କ ଆତ୍ମୀୟପଣରେ ସେ କିମ୍ବା ତାଙ୍କ ସ୍ତ୍ରୀ କେବେ ଅନୁଭବ କରିନାହାନ୍ତି ପୁଅ ଓ ପୁତୁରାର ଫରକ।

ତାଙ୍କର ଏମିତି ଚାଲି ଆସିବାଟାକୁ ସହଜରେ ଗ୍ରହଣ କରି ପାରିନଥିଲା ପୁଅ। ଆଞ୍ଚ ଆସିଥିଲା ତା' ସ୍ୱାଭିମାନ ଉପରେ। ଅଥଚ ସ୍ତ୍ରୀ ଭୟରେ ମୁହଁ ଖୋଲି ପାରୁନଥିଲା। ଲୋକଲଜ୍ଜାକୁ ଭୟ କରି ଥରେ ଦୁଇଥର ଗାଆଁକୁ ଆସିଛି ବାପାକୁ ଫେରାଇ ନେବା ପାଇଁ। ମାତ୍ର ସୁଦର୍ଶନ ବାବୁ କେବେ ରାଜି ହୋଇ ନାହାନ୍ତି, ସେମାନଙ୍କ ପାଖକୁ ଫେରିଯାଇ ଅଣନିଃଶ୍ୱାସୀ ହେବା ପାଇଁ।

ସୁଦର୍ଶନ ବାବୁ ଆସି ଗାଆଁରେ ରହିଥିଲେ ମଧ ସେ ତାଙ୍କର ପୁରୁଣା ଅଭ୍ୟାସ ଛାଡି ନଥିଲେ। ସବୁଦିନ ବାହାରି ପଡନ୍ତି ପ୍ରାତଃ ଭ୍ରମଣରେ। ସ୍କୁଲ ପଡିଆ ଡେଇଁ କଲେଜ ପଡିଆ ଯାଏ ତ ଆଉ କେବେ କେବେ କ୍ଷେତ ଯାଇ ଲମ୍ବିଯାଏ ତାଙ୍କ ପ୍ରାତଃ ଭ୍ରମଣର ରାସ୍ତା। ଆଜି ସକାଳୁ ସକାଳୁ ପ୍ରାତଃ ଭ୍ରମଣ ସମୟରେ ସେ ଯେତେବେଳେ ଦେଖିଲେ ନଡିଆ ସାହୁ ଦୋକାନ ଖୋଲିବା ସହ ବଡ ବ୍ୟସ୍ତ ହୋଇ ଜିନିଷ ତିଆରି କରିବାରେ ଲାଗିପଡିଛି। ତାକୁ ପଚାରିଲେ- କଥା କ'ଣ? ଆଜି ଏତେ ସକାଳୁ ସକାଳୁ ଦୋକାନ ଖୋଲା? କ'ଣ କିଛି ଯାନି ଯାତରା ଅଛି କି?

ନାଇଁ ସାର୍, ଯାନି ଯାତରା ଏଇନେ ନାହିଁ।

ତେବେ ଆଜି ସକାଳୁ ସକାଳୁ ଏତେ ମିଠାମିଠି ଓ ଏସବୁର ଆୟୋଜନ?

କାଲି ରାତିରେ କଲେଜର ରେଜଲଟ୍ ବାହାରିଲା ବୋଲି ଆପଣ ଜାଣି ନାହାନ୍ତି କି?

ହଁ-କ'ଣ ହେଲା କି?

କଲେଜରେ ଓଡ଼ିଆ ଲେକ୍‌ଚର ଦେବ ସାର୍, କାଲି ରାତିରେ ରେଜଲଟ୍ ଧରି ଫେରିଛନ୍ତି। ଆଜି କଲେଜରେ ତ ଯାତ୍ରା ଲାଗିବ ନା।

କଲେଜରେ ରେଜଲ୍‌ଟ ସହ ତୋ ଦୋକାନର ଏତେ ପ୍ରସ୍ତୁତିର କାରଣ କ'ଣ?

ପିଲା ପାଶ୍ କରିଥିବେ-ମିଠାଇ କିଣିବେ, ଖାଇବେ, ଖୋଇବେ ଓ ଘରକୁ ନେବେ। ସେଥିପାଇଁ ଭିଡ଼ ତ ଲାଗିବ ନା।

କେତେ ପିଲା ଏମିତି ପାଶ୍ କରିଥିବେ କି?

କେତେ ପିଲା ମାନେ! ସବୁ ପିଲାତ ପାଶ୍ କରିଥିବେ, କେତେ ପିଲା କ'ଣ?

ପରୀକ୍ଷାରେ କ'ଣ ଏ କଲେଜରେ ସବୁ ପିଲା ପାଶ୍ କରି ଯାଇଥିବେ!

ଏଥିରେ ଆଉ ସନ୍ଦେହ ଅଛି କି?

ତୁ କେମିତି ଜାଣିଲୁ ଯେ ସବୁ ପିଲା ପାଶ୍ କରିଥିବେ?

ଏ କଲେଜ ହେବା ଦିନଠୁ ତ ଫେଲର ରେକର୍ଡ ନାହିଁ।

ଏଠି ସବୁ ପିଲାଯାକ କ'ଣ ଭଲ ପିଲା?

ଭଲ ପିଲା ହୋଇଥିଲେ ଏଠି କାହିଁକି ପଢୁଥାଆନ୍ତେ?

ଆଉ?

କ'ଣ ଆଉ କହିବି ସାର୍, ଆପଣ ତ ଏବେ ଏବେ ସହର ଛାଡି ଗାଆଁରେ ରହୁଛନ୍ତି, ସେଥିପାଇଁ ଜାଣି ନଥିବେ। ଏ କଲେଜରେ ପରା ଖୋଲମ ଖୋଲା କପି, ଏଇଟା ପା ଗ୍ୟାରେଣ୍ଟି ସେଣ୍ଟର। କେବଳ ଡିଭିଜନ ପାଇଁ ରେଟ୍ ଭିନ୍ନ ଭିନ୍ନ ପ୍ରକାରର। ଯେଉଁମାନେ ରେଟ୍ ଦିଅନ୍ତି ତାଙ୍କ ପାଇଁ ରୁମ୍ ଅଲଗା, ପାଶ୍ ପିଲାଙ୍କ ରୁମ୍ ଅଲଗା, ତେଣୁ ଏଠି ଫେଲ୍ କିଏ କାହିଁ ହେବ? ରେଜ୍‌ଲଟ ବାହାରିବାଟା କେବଳ ଔପଚାରିକତା।

ଗାଆଁରେ କଲେଜ ଖୋଲିବା ଖବର ଶୁଣି ମୁଁ ଖୁସି ହେଉଥିଲି ଯେ ଯାହା ହେଉ, ଆମେମାନେ ଅର୍ଥାଭାବରୁ ଯେଉଁ ସୁଯୋଗ ପାଇ ନଥିଲୁ, ଏବେ ଆମ ଗାଁ ପିଲାଏ ସେ ସୁଯୋଗ ପାଇଥିବ ଓ ଏଠି ଶିକ୍ଷାର ବିକାଶ ହେବ ବୋଲି।

ଶିକ୍ଷାର ବିକାଶ ନା ବିନାଶ ହେଉଛି ଏଠି? ଶିକ୍ଷାର ବିନାଶ କେବଳ ହେଉଥିଲେ ଚଳିଥାଆନ୍ତା। ମାତ୍ର ଶିକ୍ଷା ସହ ଏଠି ସଂସ୍କୃତି, ଗୁରୁଜନ ଭାବ ଓ ସାମାଜିକତାର ମଧ ବିନାଶ ହେଉଛି।

ପିଲାମାନେ କ'ଣ ଏଠି ଖୁବ୍ ଉଚ୍ଛୃଙ୍ଖଳିତ ହେଉଛନ୍ତି?


ପିଲା! ପିଲା କାହାକୁ କହୁଛନ୍ତି ଆପଣ? ଯେଉଁମାନେ ଦଶ ବାରବର୍ଷ ତଳେ ଦଶବାର ଥରରେ ମାଟ୍ରିକ ପାଶ୍ କରି କେଉଁଠି କୁଆଡେ କାମଧନ୍ଦା ନ ପାଇଁ ବୁଲୁଥିଲେ ସେମାନେ ସବୁ ଏ କଲେଜର ଛାତ୍ର। କଲେଜ ଖାତାରେ ନାଆଁ ଚଢ଼ିଲା। ବୁଲିବାକୁ ବୁଲିବା ହେଲା। ପରୀକ୍ଷାରେ ବସିଲେ। ପଇସା ଅନୁଯାୟୀ ଡିଭିଜନ୍ ନେଇ ପାଶ୍ କଲେ। ତେଣୁ ତ ଦୂର ଦୂରାନ୍ତରୁ ପିଲା ଆସି ଭିଡ ଜମାଉଛନ୍ତି ଏ କଲେଜରେ। ଆଜି ଆଉ ଟିକେ ଛାଡି ଆସୁନାହାନ୍ତି ଆପଣ, ଦେଖିବେ ଏଠିକା ଛାତ୍ରମାନେ କେତେ ବୟସର। ସତରରୁ ସତୁରୀ ବୟସର ଛାତ୍ର। ଯାହାବି ହେଉ ଏ କଲେଜ ହେବା ଫଳରେ ବୁଢ଼ା ହେଉ, ବୁଢ଼ୀ ହେଉ, ଅବା ଦରବୁଢ଼ା, ଯେଉଁମାନେ ମାଟ୍ରିକ୍ ଖଣ୍ଡଟା ପାଶ୍ କରି ଅସୁବିଧା ବଶତଃ ପଢ଼ାପଢ଼ି କରି ନ ପାରି ରହିଯାଇଥିଲେ, ସେମାନେ ସବୁ ଏବେ ଗ୍ରାଜୁଏଟ୍ ହୋଇଗଲେ। ମୋର ଦୁର୍ଭାଗ୍ୟ ଯେ ମୋ ବାପା ମୋତେ ବାଧ କରି ଏ ଧନ୍ଦାରେ ପୂରାଇ ଦେଲା ଯେ ମୁଁ ମାଟ୍ରିକ୍‌ଟା ପାଶ୍ କରି ପାରି ନଥିଲି, ନଚେତ୍ ମୁଁ ବି ଏବେ ଗ୍ରାଜୁଏଟ୍‌ଟିଏ ହୋଇସାରନ୍ତିଣି କେବେଠାରୁ।

(କ୍ରମଶଃ)

# ନିଷ୍ଠୁର ପ୍ରେମିକା

ସରୋଜ ଜେନା





**ସେ**ଦିନ ଥାଏ ଚୈତ୍ର ମାସ। ସବୁ ଦିନ ଭଳି ପ୍ରିତମ ସକାଳୁ ଗାଧୋଇ ଯିବା ପାଇଁ ନିଜର ସାଇକେଲ ଧରି ନଦୀ ଅଭିମୁଖେ ଯାଉଥାଏ। ଠିକ୍ ଏହି ସମୟରେ ପ୍ରିତମ ଯିବା ବାଟରେ ଗାଁ ଦାଣ୍ଡ ମଝିରେ ହଠାତ୍ ଏକ ସୁନ୍ଦର ତରୁଣୀ କାଖରେ କଳସୀ ଧରି ପାଣି ଆଣିବା ପାଇଁ ନିକଟସ୍ଥ କୂଅକୁ ଯାଉଥାଏ। ଗୋରା ପାଦରେ ରୂପାର ପାଉଁଜି ଆଉ ମୁକୁଳା ଲମ୍ବା ଘନ କେଶ ତାହାର ପ୍ରଥମ ଦେଖାରେ ସ୍ମିତ ହସ ସେଦିନ କାହିଁକି ପ୍ରିତମର ମନ ଚୋରି କରି ନେଇଥିଲା। ଏମିତିରେ ପ୍ରତ୍ୟେକ ଦିନ ଠିକ୍ ସକାଳ ସମୟରେ ଉଭୟଙ୍କର ଦୈବୀକ ଭାବେ ଭେଟ ହୋଇଯାଉଥାଏ। ଆଉ ଉଭୟ ମୁହଁକୁ ମୁହଁ ଦେଖା ହୋଇ ହସି ଦେଇ ଚାଲିଯାଆନ୍ତି।

ଏମିତି କିଛି ଦିନ ବିତିଗଲା ପରେ ପ୍ରିତମ ମନେ ଭାବିନେଲା ସେ ଝିଅ ତାକୁ ମନେ ମନେ ବୋଧେ ଭଲ ପାଇ ବସିଚି। କିନ୍ତୁ ଯେହେତୁ ସେ ଜଣେ ନାରୀ ଖୋଲିକି ମୋ ଆଗରେ ବୋଧେ ପରି ପ୍ରକାଶ କରି ପାରୁନି। ଶେଷରେ ପ୍ରିତମ ନିଷ୍ପତି ନେଲା ନିଜେ ଏଥର ମନ ଖୋଲି ସେ ଝିଅକୁ ନିଜର କଥା ସେ କହିବା ଆଗରୁ ନିଜେ କହିଦେବା ଠିକ୍ ହେବ ଏବଂ ଶେଷରେ ଦିନେ ପ୍ରିତମ ସଂଧ୍ୟା ସମୟରେ ସେ ଝିଅକୁ ଦେଖି ଗୋଟିଏ କାଗଜରେ ନିଜର ଫୋନ୍ ନମ୍ବର ଟିକୁ ଲେଖି ତା ସମ୍ମୁଖରେ ପକାଇ ଦେଇ ଆସିଲା। କିନ୍ତୁ ମନରେ ବହୁତ ଭୟ ଥାଏ ପ୍ରିତମ୍‌ର କାଳେ କିଛି ଅଘଟଣ ଘଟିଯିବ କି କିମ୍ବା ସେ ଝିଅ ତାଙ୍କ ଘରେ ଏହି କଥା କହି ଦେବକି? ଏମିତି ଭାବି ପ୍ରିତମ ରହିଥାଏ। ମନେ ମନେ ଭାବୁଥାଏ ସତରେ ସେ ଝିଅର କଣ ଫୋନ୍ କଲ୍ ଆସନ୍ତାନି। ଆଉ ମୁଁ ମୋ ମନ କଥା ତାକୁ ସବୁ ଖୋଲିକି କହିଦିଅନ୍ତି।

ଏମିତି ଭାବି ଭାବି ପ୍ରିତମ ବସିଥାଏ ହଠାତ୍ ସେ ଝିଅର ଫୋନ୍ କଲ ଆସିଲା। ଆଉ ସ୍ୱଳ୍ପ ସମୟ ପାଇଁ ପ୍ରିତମ ସଙ୍ଗେ କଥା ହେଲା। ସେ ଝିଅ ପଚାରି ଥିଲା ମୋତେ କାହିଁକି ଫୋନ୍ ନମ୍ବର ଦେଇ ଗଲ ଝିଅଟି ସବୁ ବୋଧେ ଜାଣି ମୋତେ ଏହି ଭଳି ପ୍ରଶ୍ନ ପଚାରୁଥିଲା। ହଠାତ୍ ପ୍ରିତମ କହିଥିଲା ମୁଁ ତୁମକୁ ଭଲ ପାଏ ବୋଲି। ପ୍ରିତମ ମଧ ସେ ଝିଅର ନା କଣ ବୋଲି ପଚାରିଥିଲା। ଏମିତିରେ କିଛି ସମୟ କଥା ହେବା ପରେ ପରେ କଲ୍ ପୁନଶ୍ଚ କରିବି କହି ସେ ଝିଅଟି ଫୋନ୍‌କୁ କାଟି ଦେଇଥିଲା।

ଏମିତିରେ ସାତ ଦିନ ବିତିଗଲା ମନେ ମନେ ପ୍ରିତମ ଚାହିଁ ବସିଥାଏ। କାହିଁ ସେ ଝିଅ ଆଉ ଫୋନ୍ କରିଲା ନାହିଁ। ହଉ ଦେଖାଯାଉ କଣ ହେଉଛି। ହଠାତ୍ ଅପରାହ୍ନରେ ସେହି ଦିନ ପ୍ରିତମ ପାଖକୁ ପୁନଶ୍ଚ ସେ ଝିଅ ଫୋନ୍ କଲ କଲା। ଆଉ କଥା ମଧ ହେଲା ଆଉ ପ୍ରିତମର ଭଲପାଇବାକୁ ଗ୍ରହଣ କରିଥିଲା। ଆଉ ନିଜର ନାମ ଶ୍ରଦ୍ଧା ବୋଲି ପ୍ରିତମକୁ କହିଥିଲା। ସେ ଦିନ ପ୍ରିତମ ମନ ବହୁତ ଖୁସି ହୋଇଥିଲା।

ଏଥର ଉଭୟ ଉଭୟଙ୍କୁ ଚିହ୍ନି ନେଲେ ଏବଂ ଉଭୟଙ୍କ ମଧରେ ଭଲ ପାଇବା ପ୍ରେମର ରୂପ ନେଲା। କିନ୍ତୁ ପ୍ରିତମ ସବୁ ନିଜର କଥା ଧିରେ ଧିରେ ସବୁ ଶ୍ରଦ୍ଧାକୁ କହିଲା ଆମର ଅତ୍ୟନ୍ତ ଗରିବ ଘର ବାପାଙ୍କ ଉପରେ ଆମେ ନିର୍ଭର କରି ଚଳିଥାଉ। ପ୍ରିତମ କହିଲା ବାପା ଜଣେ ଦିନ ମଜୁରିଆ। ଆଉ ମୁଁ କିଛି ସ୍ୱଳ୍ପ ରୋଜଗାର କରେ ଯାହା ମୋତେ ନିଅଣ୍ଟ। ଘରର ଭଲ ମନ୍ଦ ବାପା ସବୁ ବୁଝନ୍ତି। ବାପାଙ୍କର ରୋଜଗାରର ଦୁଇ ପଇସାରେ ଆମେ ମାନେ ବେଶ ପୋଷାକି ହେଉ। ଏହା କହିବାର କାରଣ ଥିଲା ଶ୍ରଦ୍ଧା ଘର ବହୁତ ବଡ଼ ଧନୀ ଘରର ଝିଅ ଥିଲା। କାଳେ ଭବିଷ୍ୟତରେ ସେ ପ୍ରିତମକୁ ଭଲପାଇବାରେ ଅଧା ବାଟରୁ ଏଡ଼ାଇ ଦେଇ ଚାଲି ଯିବ। କିନ୍ତୁ ଶ୍ରଦ୍ଧା ଏ ସବୁ ଶୁଣି ସେ ଦିନ କହିଥିଲା ମୁଁ ଧନ ସମ୍ପତ୍ତି ଦେଖି ତୁମକୁ ଭଲ ପାଇନି ମୁଁ ତୁମର ଗୁଣ ଦେଖି ଭଲ ପାଇଛି ମୋର ତୁମେହିଁ ଦରକାର ଆଉ କିଛି ଦରକାର ନାହିଁ ଏହା ସେଦିନ ଶ୍ରଦ୍ଧା ପ୍ରିତମକୁ କହିଥିଲା ସେତେବେଳେ ଉଭୟଙ୍କର ନୂଆ ନୂଆ ପ୍ରେମ ଚାଲୁଥାଏ। ଏମିତିରେ ତାଙ୍କର ଭଲ ପାଇବା ଦିନକୁ ଦିନ ବଢ଼ି ଚାଲିଲା ପ୍ରାୟ ଦେଢ଼ ବର୍ଷ ବିତିଗଲା। ହଠାତ୍ ମଝିରେ ମଝିରେ ଶ୍ରଦ୍ଧାର ବାହାଘର ପ୍ରସ୍ତାବ ଆସୁଥାଏ। ଏହି କଥା ମଧ ଶ୍ରଦ୍ଧା ପ୍ରିତମକୁ କହୁଥାଏ ହଠାତ୍ ଆଉ ଏକ ଦିନ ଶ୍ରଦ୍ଧା ଘରେ ପରିବାର କଳହ ଲାଗି ଶ୍ରଦ୍ଧାକୁ ଭୀଷଣ ଗାଳି ଗୁଲଜ କରିଥିଲେ ମାଡ଼ ମାରିଥିଲେ। *(କ୍ରମଶଃ)*

## [illegible] କବିତା



# ତିଆରି



ମାନିନୀ ଜେନା



ତିଆରି
ମୁଁ କ'ଣ ସତରେ
ଏମିତି କହିଚି ଯାହା ତମକୁ
ତମ ପରି ହବା ପାଇଁ ବାରଣ କରିବ
ମୁଁ ତ ନିଜ ପରି ନୁହେଁ
କିନ୍ତୁ ମୋର ଦେଖାଯାଉଥିବା ମୁଁ କୁ
ମୁଁ ତିଆରି କରିଛି
ମୋ ପାଇଁ ନୁହେଁ,
ମୋ ପାଖକୁ ନ ପହଞ୍ଚିବା ପାଇଁ
ଦେଖଣାହାରୀ ତାକୁ ଦେଖି
ହୁଏତ ମୋତେ ଦେଖିବାକୁ
ଚେଷ୍ଟା କରିବେନି ମୋ ପରି,
ମୁଁ ବା କ'ଣ ଅନ୍ୟକୁ ତିଆରି କରିବି
କେତେବା ପାରିବି

ସବୁ ତିଆରି ହେଉଥିବା
ଆଉ ହେଇସାରିଥିବା
ଯେ ଆଉ ତିଆରି ହବାକୁ ନଥାଏ
କିଏ କହି ପାରିବ,
ସବୁ ଥରେ ତିଆରି ହୁଏ
ତିଆରି ହେଇ ବନ୍ଦ ହବା ପାଇଁ ନୁହେଁ
କିଛି ବଦଳି ଥାଏ
କିଛି ବଦଳୁ ଥାଏ
କିଛି ଆଗ ପରି ରହିଯାଏ
ଯେମିତି ମୁଁ
ଯେମିତି ତମେ।

*ଅଧ୍ୟାପିକା, ପିଏନ୍ କଲେଜ, ଖୋର୍ଦ୍ଧା*

# କେଉଁଠି ତୁମେ

ଡ. ମନୋଜା ମଞ୍ଜରୀ ସାହୁ







**ଗୋ**ଟେ ପରେ ଆଉଗୋଟେ
ତା ପରେ ଆଉ ଗୋଟେ
ବସ୍ ଷ୍ଟପ୍ ଆସିଯାଏ
ଖୁବ୍‌ଶୀଘ୍ର ହେଲେ
ଅପେକ୍ଷାର ଅନ୍ତ କାହିଁ...
ଦେଖୁଥାଏ ବାରମ୍ବାର
ତୁମେ ହେଇ ଉଠିଲ ବୋଧେ
ନାହିଁ ତ ଆଗ ଛକରେ
ଠିଆ ହୋଇ ରହିଥିବ
ପାଖ ସିଟ୍‌ଟା ଖାଲି
ହେଲା ପରେ
ଏତିକି ଟିକିଏ
ରାସ୍ତା ବି ଲାଗେ ବହୁଦୂର
କଲେଜ ପିଲା ସବୁ
ଗୋଟେ ପରେ ଗୋଟେ
ଓହ୍ଲେଇ ଯାଉଛନ୍ତି
ପୁରା ଖାଲି ଖାଲି
ମୋ ଭିତରେ ଆଉ
ବାହାର
ପେଁ ପାଁ କେଁ କାଁ
ଶବ୍ଦ ଭିତରେ
ଟାଉନ୍ ବସ୍‌ର ଘୋଷଣା ବି
ଅସ୍ପଷ୍ଟ ଶୁଭେ
କଣ ସତରେ
ଆସିବନି ନା କଣ...
କେଜାଣି
ଉଠିଲେ ଉଠିପାର

ଆଗ ଛକରୁ
ହେଲେ ମୁଁ?
ମୋ ରାସ୍ତା ତ
ଏଇଠୁ ଶେଷ
ତମେ ସିନା
ତୁମ ଛକ ଛାଡି
ଚାଲି ଆସିଲ
ଆଗକୁ
କେଜାଣି କେତେ ଯେ
ଆଗକୁ
ହେଲେ
ମୁଁ କଣ
ଯାଇ ପାରିବି
ତୁମ ସାଥେ
ରାସ୍ତା ସବୁ
ସରିଥିବା ଯାଏ
ନଈର ଆରପଟେ
ପାହାଡର
ପାଦଦେଶେ
ମୋ ହାତ ନ ଛାଡିବା ଯାଏ।


ଭୁବନେଶ୍ୱର

# କବିତାର କଥା

(ଭାଗ-୧୨)



ଉମାକାନ୍ତ ରାଉତ



# ଆପେ ବଞ୍ଚିଲେ ବାପର ନାଆଁ

ପୂର୍ବ ପରିଚ୍ଛେଦରେ ବ୍ୟକ୍ତିବାଦର ପ୍ରବଳ ଅଭ୍ୟୁଦୋୟ, ଅମଲାତାନ୍ତ୍ରିକ କୂଟକାରସାଦି, ପଦପଦବୀ ପ୍ରତିଷ୍ଠାଧାରୀ ଓ କ୍ଷମତାଧାରୀ କେମିତି ସ୍ୱାର୍ଥର କୁହେଳିରେ ସାଧାରଣ ଓ ସାର୍ବଜନୀନ ଜୀବନଧାରାକୁ ଆଚ୍ଛାଦିତ କରି ରଖିଲେ ଏବଂ କାବ୍ୟ କବିତାରେ ତା'ର ପ୍ରତିଫଳନ ମଧ ହେଲା ସେ କଥା ସମ୍ୟକ୍‌ରେ କୁହାସରିଛି। ଏହି ବ୍ୟକ୍ତିକୈନ୍ଦ୍ରିକ ସାରସ୍ୱତ ଦାଦାଗିରି ବା ବଦମାସିର କାରଣ କ'ଣ ଏବେ ସେ କଥା ବୁଝିବା ଦରକାର।

ବିଂଶ ଶତାବ୍ଦୀର ନବେ ଦଶକରେ ତଥାକଥିତ ଅର୍ଥନୈତିକ ଉଦାରୀକରଣ (ଷ୍ୱକ୍ଟ ମବକ୍ଷକ୍ଷରୟ ରମକ୍ଟଭକ୍ଟଙ୍କସମ କ୍ଷସଭରକ୍ସସଶ୍ୱବଶ୍ୱସକ୍ଟଭ/ ଶକ୍ଷକ୍ଟଭବକ୍ଷସଶ୍ୱବଶ୍ୱସକ୍ଟଭ) ଫଳରେ ଚତୁର, ମୁନାଫାଖୋର୍ , ଶଠ ଓ ଡକାୟତ ମାନସିକତାର ମୁଷ୍ଟିମେୟ ପୁଞ୍ଜିପତିମାନେ ଯେପରି ସାଧାରଣ ମଣିଷକୁ ଶୋଷଣ ଓ ପେଷଣ କରିବାର ପନ୍ଥା ପାଇଲେ ! ଏହା ମଣିଷକୁ ସ୍ୱାର୍ଥପର ଓ ବ୍ୟକ୍ତିକୈନ୍ଦ୍ରିକ କରି ଗଢ଼ି ତୋଳିଲା। ମହାନ୍ ଭାରତୀୟ ପରମ୍ପରାର ବସୁଧୈବ କୁଟୁମ୍ବକମ୍ ମାନସିକତାକୁ ଏହା 'ଆପେ ବଞ୍ଚିଲେ ବାପର ନାଆଁ' ପର୍ଯ୍ୟାୟରେ ପହଞ୍ଚେଇବାର ଆୟୁଧ ହେବାରେ ଲାଗିଲା।

ସାହିତ୍ୟ, ମୁଖ୍ୟତଃ କବିତା ସମାଜର ଦର୍ପଣ ବା ମୁକୁର ସଦୃଶ। ସୁତରାଂ ସ୍ୱାଭାବିକ ଭାବେ ଏସବୁ ବିଡମ୍ବନା କବିତା ରାଇଜରେ ତା'ର କାୟା ବିସ୍ତାର କରିବାକୁ ଲାଗିଲା। ଏହି କୁପ୍ରବାହର ମୁଖ୍ୟ ବାହକରୂପେ ଉଭା ହେଲେ ପଦପଦବୀଧାରୀ, କ୍ଷମତାଧାରୀ ଓ ଅମଲାତନ୍ତ୍ରୀ କାବ୍ୟସାଧକ (!) ଏବଂ ସେମାନଙ୍କ ସହ କିଛି ଡିଗ୍ରୀଧାରୀ ଅଧ୍ୟାପକ। ସେମାନେ ନିଜକୁ ଚିନ୍ତକ, ମଙ୍ଗୁଆଳ ଏବଂ ହର୍ତ୍ତା କର୍ତ୍ତା ଦୈବବିଧାତା ବୋଲି ସାବ୍ୟସ୍ତ କରିବାକୁ କ୍ଷମତା ଓ ପଦପଦବୀର ସମସ୍ତ କଳକୌଶଳ ପ୍ରୟୋଗ କରିବାକୁ କୁଣ୍ଠା କଲେ ନାହିଁ। ଯଶ ଓ ପୁରସ୍କାରାଦି ପ୍ରାପ୍ତି ଆଶାରେ ସେମାନଙ୍କ ଦରବାର ମଣ୍ଡନ କରିବା ଲାଳସାରେ ବହୁ ତଥାକଥିତ କବି ଓ ବୁଦ୍ଧିଜୀବୀ ସେମାନଙ୍କଠାରେ ଆପଣାର କଲମକୁ ବନ୍ଧା ପକେଇବାକୁ ସୁଖ ମଣିଲେ (ବତୀଖୁଣ୍ଟର ନିୟନ୍ ଆଲୁଅରେ ଉଡନ୍ତା ପତଙ୍ଗମାନେ ପିଟି ହୋଇ ବରବାଦ୍ ହେଲାପରି)।

ଫଳତଃ ସେହି ସମୟର ଅନେକ କାବ୍ୟ କବିତା ମନେହେଲା ଭାଷାର କପଟପାଶା,ଅନାବଶ୍ୟକ ବିମ୍ବମାନଙ୍କର ମାୟାଜାଲ ଅବା ଫଟା ଢୋଲ ପରି ଫମ୍ପା ଶବ୍ଦପୁଞ୍ଜର ଉଚ୍ଚାରଣ ; ଯାହା କେବଳ ଅକାରଣ ନଥିଲା ଥିଲା ବରଂ ଥିଲା ସାମାଜିକ ଅସନ୍ତୁଳନ ସୃଷ୍ଟି କରିବାର ମୂଳମଞ୍ଜି। ଏସବୁରେ ନା ଥିଲା ଅନ୍ତରାତ୍ମାର ପ୍ରେରଣା, ନା ବିମଳ ଚେତନାର ସ୍ପର୍ଶ।

ଯେଉଁଠି ନଥିବ ଅନ୍ତରାତ୍ମାର ପ୍ରେରଣା, ଯେଉଁଠି ନଥିବ ବିମଳ ଚେତନାର ସ୍ପର୍ଶ, ତାହା ପୋକଖିଆ ଚେତନାର ଏକ ଡମ୍ପୟାର୍ଡ ନ ହୋଇ ଆଉ କ'ଣ ହେଇପାରିବ? ପୁଣି ଚେତନା ଯେଉଁଠି କୀଟଦଂଶିତ ସେଠି କବିତାର ଭାଷା ବିକଳାଙ୍ଗ ହେବାକୁ ବାଧ୍ୟ।

ମୋ ମତରେ କବିମାନଙ୍କର ପ୍ରତିଭାର ଅଭାବ କିମ୍ବା କରିସ୍ମାର ଅନୁପସ୍ଥିତି ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୁଏ ନାହିଁ। ବରଂ ଏଭଳି ଅବକ୍ଷୟତା ପାଇଁ ଦାୟୀ ଅଳୀକ ଯଶଲୋଭ, କ୍ଷଣସ୍ଥାୟୀ ପୁରସ୍କାର/ ସମ୍ବର୍ଦ୍ଧନା ଲୋଭରେ ସାହିତ୍ୟର ମଙ୍ଗୁଆଳ ବୋଲାଉଥିବା ଉପରବର୍ଣ୍ଣିତ ଦୀର୍ଘକର୍ଣ୍ଣମାନଙ୍କର କପଟ ଦରବାର ମଣ୍ଡନର ଲାଳସା ଏବଂ ସେଥିପାଇଁ ଆପଣାର କଲମକୁ ବନ୍ଧା ପକେଇବା, ଲୋଳଜିହ୍ୱ ହୋଇ ସେମାନଙ୍କର ବୁଢିଆଣୀ ଜାଲରେ ଫସିବା ଏବଂ ବାହାରକୁ ଲାଲ୍ ଟୁକ୍ ଟୁକ୍ ଦିଶୁଥିବା ମହାକାଳ ଫଳର ଆକର୍ଷଣରେ ଫଶି ତା'ର ହଳାହଳର ଶିକାର ସାଜିବା।

ଆମକୁ ବୁଝିବାକୁ ପଡ଼ିବ ଯେ ଆପେ ବଞ୍ଚିଲେ ବାପର ନାଆଁ ବା କେବଳ ଆତ୍ମସର୍ବସ୍ୱତା ପାଇଁ ଏମିତି ସବୁ କପଟପାଶା ଚଳେଇଥିବା ଛଦ୍ମବେଶୀମାନେ କେବେ ବି କବିତାର ନାଆକୁ ବାହିନେଇ ଦୁଃଖର ଅତଳ ସାଗରରୁ କାହାକୁ ବା କିଛି ଉଦ୍ଧାର କରିପାରିବେ ନାହିଁ। ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ପଡ଼ିଥିବା ଚୁନି ଚୁନି ଶଙ୍ଖ ଶାମୁକାଙ୍କ ପାଖକୁ ଯିବା ତ ଦିବାସ୍ୱପ୍ନ!

ସୁତରାଂ ଏସବୁ ଇନ୍ଦ୍ରଜାଲରୁ ମୁକୁଳି କବିଟିଏ ତା'ର ଚିନ୍ତା ଓ ଚେତନା, ଅନୁଭବସିଦ୍ଧ ବିଶ୍ୱାସ ଓ ବିଶ୍ୱାସଜନିତ ଅନୁଭବର ସ୍ୱରକୁ ସାନ୍ଦ୍ର କରିବାରେ ବ୍ରତୀ ହେବା ଉଚିତ୍। ଯେତେ ବାଧା ଆସୁ , ଯେତେ ଘନଘଟା ଆସୁ , ମୁଣ୍ଡ କଟିଗଲେ ବି ବାସ୍ତବ କବି ଓ ନିର୍ମଳ କବି ଏସବୁ ମାୟାଜାଲର ଭେଳିକିରେ ଆଦୌ ପଡ଼େ ନାହିଁ। ବରଂ ଜାତନା ଜ୍ୱଳା ଓ ସଂଘାତକୁ ତାର ନିୟତି ବୋଲି ଗ୍ରହଣ କରି କବିର ମର୍ମ ନେଇ ସେଇ ତିକ୍ତ ମଧୁର ଅନୁଭୂତିର ମୂଳଦୁଆ ଉପରେ ଗଢିଚାଲେ ରାଶି ରାଶି କବିତାର ସ୍ତବକ। ସେ କେବେ ନାଲିସ୍ କରେନା କି ସାଲିସ୍ କରେନା।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ପିଲାଙ୍କ ଜୁନିଅା







ପ୍ରତ୍ୟାଶା ରଥ
ଷ୍ଟାଣ୍ଡାର୍ଡ - ୭
ବି.ଡି. ମେମୋରିଆଲ ସ୍କୁଲ
କୋଲକାତା

## ରାଜ୍ୟରେ କରୋନା ମୁକାବିଲା

# କିଣା ହୋଇଛି ୫୭ କୋଟିରୁ ଅଧିକ ପିପିଇ କିଟ୍

**ଭୁବନେଶ୍ୱର :** କରୋନା କାଳରେ ରାଜ୍ୟରେ ମାସ୍କ ଓ ପିପିଇ କିଟ୍ କିଣାରେ ହୋଇଥିବା ଦୁର୍ନୀତି ଅଭିଯୋଗକୁ ନେଇ ହଟଚମଟ ହେବା ପରେ ମାମଲା ଲୋକାୟୁକ୍ତରେ ପହଞ୍ଚିଛି। ଭିଜିଲାନ୍ସ ଏ ସଂପର୍କିତ ପ୍ରାଥମିକ ରିପୋର୍ଟ ପ୍ରଦାନ କରି ସାରିଲାଣି। ଏ ସମୟରେ ରାଜ୍ୟରେ କେତେ ଟଙ୍କାର ପିପିଇ କିଟ୍ କିଣା ଯାଇଥିବା ସେସଂପର୍କରେ ସୂଚନା ମିଳିଛି। ସୂଚନା ଅଧିକାର ଆଇନ ବଳରେ ରାଜ୍ୟରେ ୨୦୨୦/୨୧ ଆର୍ଥିକ ବର୍ଷରେ କରୋନା ପାଇଁ ମୋଟ ୫୭କୋଟି ୪୪ଲକ୍ଷ ୨୮ହଜାର ୨୦୭ ଟଙ୍କାର ପିପିଇ କିଟ୍ କିଣା ଯାଇଥିବା ଜଣାପଡ଼ିଛି। ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବା ଏସ୍‌ଡିଆରଏଫ୍‌ରୁ ଏହାକୁ କିଣା ଯାଇଥିବା କୁହାଯାଇଛି। କେବଳ ପିପିଇ କିଟ୍ ନୁହେଁ, କୋଭିଡ ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଲାବୋରେଟାରି ଖର୍ଚ୍ଚକୁ ମିଶାଇ ମୋଟ ୨ଶହ କୋଟି ଟଙ୍କା ଖର୍ଚ୍ଚ କରିଛି ରାଜ୍ୟ ଔଷଧ ନିଗମ। ନିଗମକୁ କୋଭିଡ୍ ମୁକାବିଲା ପାଇଁ ୨୫୦ କୋଟି ଟଙ୍କା ଦିଆଯାଇଥିବା ବେଳେ ତହିଁରୁ ପ୍ରାୟ ୫୧ କୋଟି ଟଙ୍କା ବଳି ପଡ଼ିଛି। ଗତବର୍ଷ ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପିବା ପରେ କୋଭିଡ ପରୀକ୍ଷା ପାଇଁ ଆବଶ୍ୟକ ଲାବୋରେଟାରି ପ୍ରତିଷ୍ଠା, ଯନ୍ତ୍ରପାତି, ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ମାସ୍କ, ପିପିଇ କିଟ୍ କିଣା ଯାଇଥିଲା। ତେବେ ମାସ୍କ ଓ ପିପିଇ କିଟ୍ ପାଇଁ ଧାର୍ଯ୍ୟ ମୂଲ୍ୟଠାରୁ ଢେର ଅଧିକ ଟଙ୍କାରେ ଏହାକୁ କିଣା ଯାଇଥିବା ନେଇ ରାଜ୍ୟ କଂଗ୍ରେସ ଓ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସୂଚନା ଅଧିକାର ଆଇନ ବଳରେ ଏହା ସଂପର୍କରେ ସୂଚନା ମିଳିଛି। ଗୁରୁତର କୋଭିଡ ରୋଗୀଙ୍କ ପାଇଁ ଭେଣ୍ଟିଲେଟର ଜରୁରୀ ଥିବା ବେଳେ ସରକାରୀ କୋଭିଡ ବ୍ୟବସ୍ଥା ପାଇଁ ପ୍ରାୟ ୧୩ କୋଟି ଟଙ୍କାର ଭେଣ୍ଟିଲେଟର କିଣାଯାଇଛି। ଯନ୍ତ୍ରପାତି ଓ ଲାବୋରେଟାରି ପାଇଁ ୧୭୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ତହିଁରୁ ୪ଟି ପର୍ଯ୍ୟାୟରେ ଏହି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବା ଆରକେଏସ୍‌କେରେ ୨୦୨୯ ଓ ୨୦୨୦ ବର୍ଷରେ ୬ କୋଟି ୮୭ଲକ୍ଷ ୪୦ହଜାର ୩୪୪ ଟଙ୍କାର ସାନିଟାରି ନାପକିନ୍ କିଣାଯାଇଛି। ରାଜ୍ୟ ସରକାର ସ୍କୁଲମାନଙ୍କରେ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ପରିଚ୍ଛନ୍ନତା ପାଇଁ ମାଗଣାରେ ସାନିଟାରି ନାପକିନ୍ ଯୋଗାଉଛନ୍ତି। ଦୁଇ ବର୍ଷରେ ଔଷଧ ନିଗମକୁ ୧୧କୋଟି ୫୨ଲକ୍ଷ ୪୩ହଜାର ୪୭୪ ଟଙ୍କାର ଅନୁଦାନ ମିଳିଥିବା ବେଳେ ୨ଲକ୍ଷ ୩୯ହଜାର ୭୧ହଜାର ୫୦୫ ଟଙ୍କା ବଳକା ରହିଛି।



# ସରକାରୀ ନିୟମର ଖୋଲା ଉଲ୍ଲଂଘନ; ସ୍ୱାମୀ-ସ୍ତ୍ରୀ ମିଶି ଚଳୁ କଲେ ସରକାରୀ ଅର୍ଥ

**ଭଦ୍ରକ :** ନବୀନ ସରକାର ନିଜର ସ୍ୱଚ୍ଛ ଶାସନ ପାଇଁ ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ କିଛି ବିଭାଗର କର୍ମଚାରୀ ସରକାରୀ ନିୟମର ଖୋଲା ଉଲ୍ଲଂଘନ କରି ତାଙ୍କ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କ ଠାରେ । ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ସୂଚନା ଅନୁଯାୟୀ ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନରେ କାର୍ଯ୍ୟରତ ଶିକ୍ଷକଙ୍କ ମଧ୍ୟରୁ ବିଭିନ୍ନ ବର୍ଗର ୬୬୧ଜଣ ଶିକ୍ଷକ ଘର ଭଡ଼ା ବାବଦରେ ଅର୍ଥ ହାତୋଉଥିବା ଜଣାପଡ଼ିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହିକି ସରକାରୀ ନିୟମକୁ ଉଲ୍ଲଂଘନ କରି ଉକ୍ତ ଶିକ୍ଷାଧିକାରୀଙ୍କ ଅଧିନରେ କାର୍ଯ୍ୟରତ ୨୪ ହଳ ସ୍ୱାମୀ-ସ୍ତ୍ରୀ ବର୍ଷ ବର୍ଷ ଧରି ଘର ଭଡ଼ା ହାତେଇ ଆସୁଛନ୍ତି । ଯାହାକି ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି । ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମ ଅନୁଯାୟୀ ସେମାନେ ଏହି ସୁବିଧା ଉପଲବ୍ଧ କରିବା ପାଇଁ ଯୋଗ୍ୟ ବିବେଚିତ ହେଉ ନଥିଲେ ସୁଦ୍ଧା ସରକାରଙ୍କ ସହ ଲୁଚକାଳି ଖେଳି ତାହାକୁ ବର୍ଷବର୍ଷ ଧରି ହାତେଇ ଚାଲିଛନ୍ତି । ଏହାକୁ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆଣିବା ପରେ ଗତ ଅକ୍ଟୋବର ମାସରୁ ସେ ଏହି ଅର୍ଥ ପ୍ରଦାନ ଉପରେ ରୋକ ଲଗାଇଥିବା ଉପଲବ୍ଧ ସୂଚନାରୁ ଜଣାପଡ଼ିଛି ଏବଂ ହାତେଇଥିବା ଅର୍ଥକୁ ଫେରାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏହାପରେ ମଧ୍ୟ ଆଉ କିଛି କର୍ମଚାରୀ ଏବେବି ଉକ୍ତ ଅର୍ଥ ହାତୋଉଥିବା ଦୃଷ୍ଟିଗୋଚର ହୋଇଛି । ବନ୍ତ ପଂଚାୟତ ସମିତି ଜନସୂଚନା ଅଧିକାରୀଙ୍କ ଚିଠି ନଂ ୩୫୪୬/୧୭.୧୨.୨୦୨୦ ଅନୁଯାୟୀ ବନ୍ତ ପଂଚାୟତ ସମିତିରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସମେତ ଅନ୍ୟ ୩୦ଜଣ ବିଭିନ୍ନ ବର୍ଗର କର୍ମଚାରୀ କାର୍ଯ୍ୟ କରୁଅଛନ୍ତି । ତନ୍ମଧ୍ୟରୁ ବ୍ଲକ ଉନ୍ନୟନ ଅଧିକାରୀ, ୨ ଜଣ କନିଷ୍ଠ ଯନ୍ତ୍ରୀ, ୨ଜଣ ଜେଆରଏ, ୧ଜଣ ପିଏ, ୧ଜଣ ଏସଆରଏ ଓ ୧ଜଣ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏହିପରି ସମୁଦାୟ ଆଠ ଜଣଙ୍କୁ ବାଦ ଦେଇ ଅନ୍ୟ ୨୩ ଜଣ ଘରଭଡ଼ା ବାବଦରେ ମାସିକ ଅର୍ଥ ହାତୋଉଛନ୍ତି । ସୂଚନା ଅନୁଯାୟୀ ଜନୈକା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଯେଉଁ ପଂଚାୟତରେ କାର୍ଯ୍ୟ କରୁଛନ୍ତି ସେହି ପଂଚାୟତର ଏକ ବିଦ୍ୟାଳୟରେ ତାଙ୍କ ସ୍ୱାମୀ ଶିକ୍ଷକତା କରୁଛନ୍ତି । ଏବଂ ଜନସୂଚନା ଅଧିକାର ଆଇନ ବଳରେ ହସ୍ତଗତ ସୂଚନା ଅନୁଯାୟୀ ଉଭୟ ନିଜ ନିଜର କାର୍ଯ୍ୟାଳୟରୁ ଘରଭଡ଼ା ବାବଦରେ ଅର୍ଥ ହାତେଇ ଚାଲିଛନ୍ତି । ଯାହାକି ଆଇନ ସଙ୍ଗତ ନୁହେଁ । ଏହି ବିଷୟରେ ବ୍ଲକ ଶିକ୍ଷାଧିକାରୀ ଅଧିର ତରେଇଙ୍କୁ ଯୋଗାଯୋଗ କରିବାରୁ ସେ ଏହିପରି କୌଣସି ଅଭିଯୋଗ ତାଙ୍କ ହସ୍ତଗତ ହୋଇ ନାହିଁ । ଯଦି ହସ୍ତଗତ ହୁଏ ତେବେ ସେ ଏଥିନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସୂଚନା ଦେଇଛନ୍ତି । ବ୍ଲକ ଉନ୍ନୟନ ଅଧିକାରୀ ରେବେକା ବିଲୁଙ୍ଗଙ୍କୁ ଯୋଗଯୋଗ କରିବାରୁ ଯୋଗାଯୋଗ ସମ୍ଭବପର ହୋଇ ପାରି ନଥିଲା । ତେଣୁ ସରକାରଙ୍କ ତରଫରୁ ଏହିପରି ସରକାରୀ ଅର୍ଥକୁ ବିଭିନ୍ନ ଉପାୟରେ ଚଳୁ କରୁଥିବା କର୍ମଚାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।





# ଅଂଶୁଘାତ ମୁକାବିଲା ପାଇଁ ଓଡ଼ିଶା ପ୍ରସ୍ତୁତ : ଏସ୍‌ଆରସି

**ଭୁବନେଶ୍ୱର :** ପ୍ରତିବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଅଂଶୁଘାତକୁ ମୁକାବିଲା କରିବାକୁ ଓଡ଼ିଶା ପ୍ରସ୍ତୁତ ଅଛି। ଆସନ୍ତା ଏପ୍ରିଲ ମାସର ୧୦ ତାରିଖ ପୂର୍ବରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଅଂଶୁଘାତ ମୁକାବିଲା କାର୍ଯ୍ୟକ୍ରମର ଆୟୋଜନ କରାଯିବାର ପ୍ରସ୍ତାବ ରହିଛି। ଏଥିସହ ରାଜ୍ୟର ସମସ୍ତ ବିଭାଗ ମଧ୍ୟ ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ଆଜି ସମସ୍ତ ବିଭାଗର ସଚିବ ଓ ମୁଖ୍ୟ ସଚିବଙ୍କୁ ନେଇ ଏ ସମ୍ବନ୍ଧରେ ବୈଠକ ବସିଥିଲା ଏବଂ ରାଜ୍ୟରେ କିଭଳି ଅଂଶୁଘାତକୁ ମୁକାବିଲା କରିହେବ ସେ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ମାର୍ଚ୍ଚ ମାସରୁ ଜୁନ୍ ମାସ ଭିତରେ ରାଜ୍ୟରେ ପ୍ରବଳ ଗରମ ଅନୁଭୂତ ହୋଇଥାଏ। ତେଣୁ ଏହି ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନଳକୂପ ଓ ପିଇବା ପାଣି ସମସ୍ୟାକୁ ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାବାଦ ବିଦ୍ୟୁତ୍‌ଜନିତ ସମସ୍ୟା ରୋକିବାକୁ ମଧ୍ୟ ଏସ୍‌ଆରସି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତା ସହିତ ପଶୁପକ୍ଷୀମାନେ ଯେପରି ଜଳଜନିତ କଷ୍ଟ ଅନୁଭବ ନ କରିବେ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥିବା ସହିତ ଲୋକଙ୍କୁ ଘର ଆଗରେ ପାଣିପତ୍ର ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

# ରାଜ୍ୟର ୨୫୩୧ ଘରୋଇ ସ୍କୁଲକୁ ମିଳିନାହିଁ ସ୍ୱୀକୃତି

**ଭୁବନେଶ୍ୱର :** ରାଜ୍ୟରେ ୨୫୩୧ଟି ଘରୋଇ ବିଦ୍ୟାଳୟ ପାଇନାହାନ୍ତି ସ୍ୱୀକୃତି। ଆବଶ୍ୟକ ମାନଦଣ୍ଡ ପୂରଣ କରି ନଥିବାରୁ ମିଳିନି ସ୍ୱୀକୃତି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ନେଇ ସୂଚନା ଦେଇଛନ୍ତି  ସ୍ୱୀକୃତି ପାଇ ନଥିବା ବିଦ୍ୟାଳୟଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ବିଦ୍ୟାଳୟ ବନ୍ଦ ପାଇଁ ପଦକ୍ଷେପ ନିଆଯାଉଛି। ଗୃହରେ ବିଧାୟକ ଚକ୍ରମଣି କହଁର ପ୍ରଶ୍ନ କରିଥିଲେ ଯେ ରାଜ୍ୟରେ ସମୁଦାୟ କେତୋଟି ଘରୋଇ ସ୍କୁଲ ଅଛି ଓ ସେଥିମଧ୍ୟରୁ କେତୋଟି ସରକାରୀ ସ୍ୱୀକୃତି ପାଇଛି ? ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ସମୁଦାୟ ୬୭୬୭ଟି ଘରୋଇ ବିଦ୍ୟାଳୟ ଅଛି ସେଥିରୁ ୪୨୩୬ଟି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ହୋଇଥିବା ବେଳେ ୨୫୩୧ଟି ବିଦ୍ୟାଳୟ ସ୍ୱୀକୃତି ପାଇନାହାନ୍ତି  ଏମାନଙ୍କ ମଧ୍ୟରୁ କିଛି ବିଦ୍ୟାଳୟ ସ୍ୱୀକୃତି ପାଇବା ପାଇଁ ଆବେଦନ କରିଥିଲେ ଓ ଆବଶ୍ୟକ ମାନଦଣ୍ଡ ପୂରଣ କରୁନଥିବାରୁ ସ୍ୱୀକୃତି ଦିଆଯାଇନାହିଁ। ସେହିପରି ଯେଉଁ ବିଦ୍ୟାଳୟଗୁଡ଼ିକ ବିନା ସାର୍ଟିଫିକେଟରେ ଚାଲୁଅଛି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ବନ୍ଦ କରିବାକୁ ପଦକ୍ଷେପ ନିଆଯାଉଛି।

# ଅନୀତାଙ୍କ 'ସନେଟ୍ ଶତଦଳ' ଲୋକାର୍ପିତ



**ସାଉଥବଲଣ୍ଡା :** ତାଳଚେର ବ୍ଲକ ସାଉଥବଲଣ୍ଡାର କବୟିତ୍ରୀ ଅନୀତା ପାଣିଙ୍କ କବିତା ସଙ୍କଳନ 'ସନେଟ୍ ଶତଦଳ' ଉନ୍ମୋଚିତ ହୋଇଯାଇଛି। କଟକ ସ୍ଥିତ ଏକ ଘରୋଇ ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ କବି ଅମରେଶ ପଟ୍ଟନାୟକ, ଗାଳ୍ପିକ ଜ୍ୟୋତି ନନ୍ଦ, ବରିଷ୍ଠ ସ୍ତମ୍ଭକାର ଓ ଲେଖକ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକଟିକୁ ଗୀତିକବି ମୋହିତ ଚକ୍ରବର୍ତ୍ତୀ ସମୀକ୍ଷା କରି କହିଥିଲେ ଯେ, ସାମ୍ପ୍ରତିକ ସମୟରେ  କବିମାନେ ସନେଟ୍ କମ ଲେଖୁଛନ୍ତି। ତେଣୁ 'ସନେଟ୍ ଶତଦଳ' ଏହି ଅଭାବକୁ ନିଶ୍ଚୟ ପୂରଣ କରିବ। ଏଥିରେ ଆଦିତ୍ୟ ଭାରତ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଢ଼ୁଛି ତାତି : ଉଦଳା ବିଜ୍ଞାପିତ ଅଞ୍ଚଳରେ ଉତ୍କଟ ଜଳ ସମସ୍ୟା



**ଉଦଳା, (ନିରୁପତା ରଣା):** ଖରାର ତାତି ବଢ଼ିବା ସାଙ୍ଗକୁ ପାଣିର ସମସ୍ୟା ବଢ଼ିବାରେ ଲାଗିଛି। କେଉଁଠି ନଳକୂପ ଅଚଳ ତ ଆଉ କେଉଁଠି ରାମତି ଅଭାବରୁ ପଡିରହିଛି ପାନୀୟ ଜଳ ପ୍ରକଳ୍ପ। ଖରାରେ ତାତି ଓ ପାନୀୟ ଜଳ ସମସ୍ୟା ୱାର୍ଡବାସୀଙ୍କୁ ଆଣିଦେଇଛି ଦୁଃଖ। ମୟୂରଭଞ୍ଜ ଜିଲ୍ଲାର ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୨ଟି ୱାର୍ଡ ଥିବା ବେଳେ ଲୋକ ସଂଖ୍ୟା ୧୫ ହଜାରରୁ ଉର୍ଦ୍ଧ୍ୱ। ୧୨ଟି ୱାର୍ଡର ଅନେକ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। କେଉଁଠି ନଳକୂପ ଅଚଳ ତ ଆଉ କେଉଁଠି ମରାମତି ଅଭାବରୁ ପାନୀୟ ପ୍ରକଳ୍ପ କାମରେ ଲାଗୁନି। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ନା ମରାମତି ନା ମିଳୁଛି ପାନୀୟ ଜଳ। ଲୋକଙ୍କ ପାନୀୟ ଜଳର ସୁବିଧା ପାଇଁ ୨୦୧୨ ମସିହାରେ ଉଦଳା ଷ୍ଟାଣ୍ଡ ଓ କଚେରୀ ପାଖରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ହୋଇଥିଲା। ତେବେ ତାହା ମରାମତି ଅଭାବରୁ ଏବେ ଅଚଳ ହୋଇ ପଡିରହିଛି। ଯାହାଦ୍ୱାରା କି ଲୋକମାନେ ପାଣି ଟୋପାଏ ପାଇଁ ହେଉଛନ୍ତି ହଇରାଣ। ନଳକୂପ ଅଛି ହେଲେ ପାଣି ବାହାରୁନାହିଁ। ପିଏଚ୍‌ଡି ପକ୍ଷରୁ ଘରେ ପାଇପ ଲାଇନ ସଯୋଗରେ ଆସୁନାହିଁ। କେତେବେଳେ ପାଇପରୁ ପାଣି ବାହାରିବ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରିକି ଖରାର ତାତି ଜୋର ଥିବାରୁ କୂଅରେ ମଧ୍ୟ ଜଳ ସ୍ତର କମ ରହିଛି। ତେବେ ଏ ସମପର୍କରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଆଗକୁ ଖରାର ସମ୍ଭାବନା ଥିବାରୁ ପ୍ରତ୍ୟେକ ୱାର୍ଡରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉପରମୁହାଁ ...

ବେଳେ ସେଠାରୁ ପ୍ରବାସୀ ଶ୍ରମିକ ଗଞ୍ଜାମକୁ ଫେରିବା ନିଶ୍ଚୟ ଚିନ୍ତାଜନକ। ଚୈତ୍ର ପର୍ବକୁ ଦୃଷ୍ଟିରେ ରଖି ଏହି ପ୍ରବାସୀ ଶ୍ରମିକମାନେ ଗଞ୍ଜାମ ଫେରିଥିବାର ସୂଚନା ମିଳିଛି। ହେଲେ ରେଳ ଷ୍ଟେସନରେ ପ୍ରବାସୀ ଶ୍ରମିକମାନେ ଓହ୍ଲାଇଥିଲା ବେଳେ ସେଠାରେ ସେମାନଙ୍କର କୌଣସି ପ୍ରକାର ଡାକ୍ତରୀ ଯାଞ୍ଚ ହୋଇନଥିବାରୁ ଆଗାମୀ ଦିନରେ ଏମାନଙ୍କ ପାଇଁ କରୋନାର ଗୋଷ୍ଠୀ ସଂକ୍ରମଣ ନ ବଢ଼ିବ କିଏ କହିବ।

### ବର୍ଷକରେ ...

୧୨୧୮ଟି ଯୌତୁକ ମୋକଦ୍ଦମା ବିଚାରାଧୀନ ରହିଛି। ୩୨୦ଟି ଯୌତୁକ ହତ୍ୟା ମାମଲାରୁ ୧୪୧ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ଏହାସହିତ ୮୭ଟି ଯୌତୁକ ଆତ୍ମହତ୍ୟା ମୋକଦ୍ଦମାରୁ ୭୩ଟି ମାମାଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ୩୭୫୯ଟି ଯୌତୁକଜନିତ ନିର୍ଯାତନା ମାମଲାରୁ ୨୬୪୨ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ୩୭ଟି ଯୌତୁକଜନିତ ନିର୍ଯାତନା ମାମଲାର ଚୂଡ଼ାନ୍ତ ରିପୋର୍ଟ ସତ୍ୟ। ୩୧୫୩ଟି ଅଣଯୌତୁକ ନିର୍ଯାତନା ମାମଲାରୁ ୨୪୧୩ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। କୋଭିଡ୍-୧୯ ପରିଚାଳନା ସମୟରେ ୮୯୦୨ ଜଣ ପୁଲିସ ଆକ୍ରାନ୍ତ ହୋଇଥିବା ବେଳେ ୪୮ ଜଣ ପୁଲିସ କର୍ମଚାରୀଙ୍କର କର୍ତ୍ତବ୍ୟ ବେଳେ ମୃତ୍ୟୁ ଘଟିଛି। କରୋନାରୁ ସୁସ୍ଥ ହୋଇ ୧୦୦୨ ଜଣ ପୁଲିସ ପ୍ଲାଜମା ଦାନ କରିଛନ୍ତି। ବର୍ଷ ୨୦୨୦ରେ ପୁଲିସ ତରଫରୁ ୧୮ ଥର ଗୁଳିଚାଳନା କରାଯାଇଛି। ୧୩୮ ଥର ରାସ୍ତାରୋକ ହୋଇଥିବା ବେଳେ ୭ଥର ରେଳରୋକ ଏବଂ ୭୪୫ ଥର ଧାରଣା ହୋଇଛି। ଏହାସହିତ ୨୭୭ ରାଲି, ୭୬୩ ବିକ୍ଷୋଭ, ୯୦ ଥର ଅନଶନ ଏବଂ ୩୧ ଥର ବନ୍ଦ ପାଳନ ହୋଇଛି। ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଦୃଷ୍ଟିଗୋଚର ଦୃଷ୍ଟିଗୋଚର ହୋଇନାହିଁ। ମାଓବାଦୀଙ୍କ ସହ ୨୭ଟି ଗୁଳି ବିନିମୟ ହୋଇଛି, ଯେଉଁଥିରେ ୭ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି। ଗୁଳି ବିନିମୟ ବେଳେ ୧୬ ସିପିଆଇ(ମାଓବାଦୀ) କ୍ୟାଡ଼ରଙ୍କ ମୃତ୍ୟୁ ଘଟିଛି। ମାଓବାଦୀ କାର୍ଯ୍ୟରେ ଲିପ୍ତ ୩୪ ଜଣ ଗିରଫ ହୋଇଥିବା ବେଳେ ୨୧ ଜଣ ଆତ୍ମସମର୍ପଣ କରିଛନ୍ତି।

### କରୋନା ଠାରୁ ...

ଏଥିରୁ ଜଣାପଡୁଛି ରାଜ୍ୟରେ ଦକ୍ଷତା ବିକାଶ ବିଭାଗ କିପରି କାର୍ଯ୍ୟ କରୁଛି ବୋଲି କହିଛନ୍ତି ମୋହନ ମାଝି। ସେହିଭଳି କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି, ରାଜ୍ୟରେ ଯୁବକ ଯୁବତୀମାନେ ଚାକିରି ନ ପାଇ ମାଓବାଦୀ ସଂଗଠନରେ ସାମିଲ ହେଉଛନ୍ତି। ବିଭିନ୍ନ ଆଇଟି ଶିଳ୍ପକୁ ୫୦ ଏକର ଜାଗା ଭୁବନେଶ୍ୱରରେ ଦିଆଗଲା। ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଗଲା। ମାତ୍ର ୧୫ ପ୍ରତିଶତ ଓଡ଼ିଆ ପିଲାଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମରୁ ଅଧିକ ଲୋକ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ ନିଯୁକ୍ତି କେବଳ କାଗଜ କଲମରେ ଚାଲିଛି। ମନ୍ତ୍ରୀ ବିଧାନସଭାରେ ଗୋଲାପି ଚିତ୍ର ଦେଖାଉଛନ୍ତି। ସେହିଭଳି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ତାରା କହିଛନ୍ତି, ସରକାର ବର୍ଷକୁ ୨ କୋଟି ଚାକିରି ଦେବେ ବୋଲି କହିଥିଲେ। ଆଉ ସେହି ହିସାବରେ ୭ ବର୍ଷରେ ୧୪ କୋଟି ଚାକିରି ସରକାର ଦେବା କଥା। କିନ୍ତୁ କେନ୍ଦ୍ର ସରକାରଙ୍କ ସେହି ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ ତାରା। ଅନ୍ୟପଟେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଥିଲେ, ରାଜ୍ୟ ସରକାର ଯୁବକଯୁବତୀମାନଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଆଇଟିଆଇ, ପଲିଟେକିନିକ ଓ ଇଂଜିନିୟରିଂ ତାଲିମରେ ପ୍ରୋତ୍ସାହିତ କରାଯାଉଛି। ୪୯ଟି ସରକାରୀ ଆଇଟିଆଇରେ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ ପ୍ରତିଷ୍ଠା କରାଯାଇଛି। ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ସରକାର ବଦ୍ଧ ପରିକର ବୋଲି ଦକ୍ଷତା ଓ ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଉତ୍ତରରେ କହିଥିଲେ।

### ହଟ୍‌ସ୍ପଟ୍ ଚିହ୍ନଟ ...

ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଉତ୍ତମ ରୂପେ ତଦାରଖ କରି ଅବହେଳା କରୁଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାପାଳମାନେ ନିୟମିତ ସମୀକ୍ଷା କରି ସମସ୍ୟାର ସମାଧାନ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳର ସୁବିଧା ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରୁଛନ୍ତି। ଗ୍ରାମାଞ୍ଚଳରେ ୧୭ ହଜାର କୋଟି ଟଙ୍କାର ୮୯ଟି ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏବଂ ୨୦୨୪ ସୁଦ୍ଧା ସବୁ ଗ୍ରାମ୍ୟ ପରିବାରକୁ ଶତପ୍ରତିଶତ ପାଇପ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ସହରାଞ୍ଚଳରେ ମଧ୍ୟ ଗତ ୩ ବର୍ଷ ମଧ୍ୟରେ ପାନୀୟ ଜଳ ପାଇଁ ୩୮୦୦ କୋଟି ଟଙ୍କା ବିନିଯୋଗ କରାଯାଇଛି ଏବଂ ୨୦୨୨ ସୁଦ୍ଧା ସହରାଞ୍ଚଳର ସବୁ ପରିବାରକୁ ପାଇପ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ। ଲୋକଙ୍କୁ ଉତ୍ତମ ମାନର ପାନୀୟ ଜଳ ଯୋଗାଇ ଦେବା ହେଉଛି ରାଜ୍ୟ ସରକାରଙ୍କ ପ୍ରାଥମିକତା ଏବଂ ବିଶେଷକରି ଖରାଦିନରେ ଏହାର ଗୁରୁତ୍ୱ ବହୁତ ଅଧିକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଲୋଚନାରୁ ଜଣାଯାଇଛି ଯେ, ସହରାଞ୍ଚଳରେ ୨୦୨୧ରେ ପାନୀୟ ଜଳର ଆବଶ୍ୟକତା ଦୈନିକ ୧୦୮୮ ମିଲିଅନ ଲିଟର ଥିବାବେଳେ ଦୈନିକ ୧୦୯୩ ମିଲିଅନ ଲିଟର ପାନୀୟ ଜଳ ଯୋଗାଣ କରାଯାଉଛି। ଏହାସହିତ ୨୦୧୬ରେ ତିନି ଲକ୍ଷ ଘରକୁ ପାଇପ ପାଣି ସଂଯୋଗ ହୋଇଥିବା ବେଳେ ଏବେ ୮,୩୦,୦୦୦ ଘରକୁ ପାଇପ ପାଣଇ ସଂଯୋଗ ଦିଆଯାଇଛି। ତେଣୁ ବର୍ତ୍ତମାନ ପାନୀୟ ଜଳ ଯୋଗାଣର କ୍ଷମତା ବେଶ୍ ଭଲ ରହିଛି। ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ବାସଗୃହ ଗୁଡ଼ିକୁ ପାନୀୟ ଜଳ ସଂଯୋଗ କ୍ଷେତ୍ରରେ ୧୬୮ ପ୍ରତିଶତ ଉନ୍ନତି ଆସିଛି ବୋଲି ସୂଚନା ଦିଆଯାଇଛି। ରାଜ୍ୟର ୬୫ଟି ପୌରାଞ୍ଚଳର ୩୩୫ଟି ସ୍ଥାନରେ ପାନୀୟ ଜଳର ସମସ୍ୟା ଥିବା ବେଳେ ଏଗୁଡ଼ିକୁ ୧୧୭ଟି ଟ୍ୟାଙ୍କର ଓ ୧୩୮୦ଟି ପିଭିସି ଟ୍ୟାଙ୍କ ଜରିଆରେ ପାଣି ଯୋଗାଇ ଦିଆଯାଉଛି। ସମସ୍ତ ଅଭିଯୋଗର ପ୍ରତିକାର ୨୪ଘଣ୍ଟା ମଧ୍ୟରେ କରାଯାଉଛି। ଏହାଛଡା ପାନୀୟ ଜଳର ସମସ୍ୟା ଥିବା ୧୧ଟି ପୌରାଞ୍ଚଳ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖାଯାଇଛି। ସମସ୍ତ ପୌରାଞ୍ଚଳରେ ମୋ ସରକାର ସେଲ୍ ଜରିଆରେ ଅଭିଯୋଗର ଶୁଣାଣି କରାଯାଉଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂହ କହିଥିଲେ ଯେ, ସାରା ଦେଶରେ ପାନୀୟ ଜଳ କ୍ଷେତ୍ରରେ ୮୧% ଲୋକଙ୍କୁ ଦୈନିକ ବ୍ୟକ୍ତି ପିଛା ୪୦ ଲିଟର ପାଣି ଦିଆଯାଉଥିବା ବେଳେ, ଓଡ଼ିଶାରେ ୧୦୦% ଲୋକଙ୍କୁ ବ୍ୟକ୍ତି ପିଛା ଦୈନିକ ୪୦ ଲିଟର ପାଣି ଦିଆଯାଇପାରୁଛି। ଗ୍ରାମାଞ୍ଚଳ ଜନସଂଖ୍ୟାର ୪୭.୬୫% ଲୋକ, ୫୪% ଗାଁ ଓ ୨୭% ଜନବସତିକୁ ପାଇପ ପାଣିର ସୁବିଧା ଦିଆଯାଇପାରିଛି। ଖରାଦିନ ପାଇଁ ସବୁ ପାଇପ ପାଣି ଓ ଟ୍ୟୁବୱେଲ ଗୁଡ଼ିକୁ ଯାଞ୍ଚ କରାଯାଉଛି ଏବଂ ପ୍ରତିକାର ବ୍ୟବସ୍ଥା କରାଯାଉଛି। ମୋବାଇଲ୍ ଭ୍ୟାନ୍ ଓ ଟିମ୍ ପ୍ରସ୍ତୁତ କରାଯାଇ ପାନୀୟ ଜଳ ଯୋଗାଣ କରାଯାଉଛି। ଜଳକଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ପାଣି ଯୋଗାଇ ଦିଆଯାଉଛି ବୋଲି ସୂଚନା ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପାନୀୟ ଜଳ ଯୋଗାଣ ସମ୍ପର୍କରେ ନିୟମିତ ସମୀକ୍ଷା କରାଯିବ। ଏହି ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ସଞ୍ଚାଳନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନ, କୃଷି ଉତ୍ପାଦନ କମିଶନ, ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରହସନ ପାଲଟିଛି ...

ପ୍ରଥମେ ଏହା ଏକ ଝାଟିମାଟି କାନ୍ଥ ଗୃହରେ ଚାଲୁଥିଲା । ପରେ ୨୦୧୧ ମସିହାରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୨ଟି ପକ୍କା ଶ୍ରେଣୀଗୃହ ନିର୍ମାଣ ହୋଇଥିଲା ଓ ଅଦ୍ୟାବଧି ସେହି ୨କୋଠରୀରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀମାନେ  ଅଧ୍ୟୟନ କରୁଛନ୍ତି । ଅଧ୍ୟାପନା ପୁଣି ୩ଜଣ ଶିକ୍ଷକଙ୍କ ଦ୍ୱାରା ଚାଲିଛି । ରାଣୀପୁର ବିଦ୍ୟାଳୟ ଉକ୍ତ ବିଦ୍ୟାଳୟ ସହିତ ମିଶିଯିବା ପରେ ସମୁଦାୟ ଅଧ୍ୟୟନ କରୁଥିବା ୬୦ ଜଣ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଯୁକ୍ତ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇପାରି ନାହିଁ ।  ବିଦ୍ୟାଳୟଟିର ସ୍ଥାୟୀ ପାଚେରୀ ନଥିବାରୁ ବୁଲା ଗାଈଗୋରୁ ଙ୍କ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତି ମାନଙ୍କର ସ୍କୁଲ ପରିସର କୁ ଅବାଧ ପ୍ରବେଶ ଘଟି ଶୈକ୍ଷିକ ପରିବେଶ ନଷ୍ଟ ହେଉଛି । ଏହାଛଡ଼ା ବିଦ୍ୟାଳୟ ସମ୍ମୁଖରେ ରାସ୍ତା ଯାଇଥିବାରୁ ଓ  ଦୁଇ ପାର୍ଶ୍ୱରେ ୨ଟି ପୋଖରୀ ଏହାର ପରିସରକୁ ଲାଗି ରହିଛି । ବ୍ଲାକବୋର୍ଡ଼ ଅପରେସନ ସ୍କିମରେ ପୂର୍ବରୁ ନିର୍ମିତ ଅଧାପନ୍ତରିଆ ଶ୍ରେଣୀଗୃହ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ପରି ନାନାଦି ସମସ୍ୟା ମଧ୍ୟରେ ବିଦ୍ୟାଳୟଟି ଗତି କରୁଥିବା ବେଳେ  ବିଦ୍ୟାଳୟର ଉନ୍ନତି କରଣ ପାଇଁ 'ଅମ୍ଳନ' ଅର୍ଥ ମଂଜୁର ହୋଇଥିଲେ ସୁଦ୍ଧା ଏଠାରେ ଏହା ବିନିଯୋଗ ନହୋଇ ବନ୍ଦ ଘୋଷଣା ହେବା ଜାଣି ସୁଦ୍ଧା ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ ପଂଚାୟତ ସମିତି ବନ୍ତ ପକ୍ଷରୁ ଏରେଣ୍ଡାଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ 'ଅମ୍ଳନ' ଅର୍ଥରେ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ କରାଯିବା ବିଭାଗର କାର୍ଯ୍ୟ ପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ  ଉନ୍ନତି କରଣ ବାବଦରେ ଅର୍ଥ ଖର୍ଚ୍ଚ ହେବା କେତେ ଦୂର ଯଥାର୍ଥ ତାହାର ଚର୍ଚ୍ଚା ସାଧାରଣରେ  ଜୋର ଧରିଛି । ତେଣୁ ସରକାରୀ ଅର୍ଥର ଅପବ୍ୟବହାର ନକରି ଠିକ୍ କାର୍ଯ୍ୟରେ ଓ ଠିକ୍ ଜାଗାରେ ବ୍ୟବହାର କରାଗଲେ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ବିଦ୍ଧିଜୀବୀମାନେ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀ ସୁଆଁପଦା ପ୍ରାଥମିକ ବିଦ୍ୟାଳୟରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପ୍ରତି  ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

### ଦର ତୁଟିଲେ ...

ଯେଉଁଥିପାଇଁ ସାଧାରଣ ଲୋକଙ୍କୁ ଅଧିକ ଷ୍ଟାମ୍ପ ଡ୍ୟୁଟି ଦେବାକୁ ପଡୁଛି। ଯାହାକୁ ନେଇ ପ୍ରତିଦିନ ଅଫିସ ଭିତରେ ଗଣ୍ଡଗୋଳ ଚାଲିଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ ଜଗତପୁର ସବ୍‌ରେଜିଷ୍ଟ୍ରାର ଅଫିସକୁ ଦଲିଲ କରିବା ନିମନ୍ତେ ଗଲେ ତାଙ୍କୁ ୨୦ଦିନ ପର୍ଯ୍ୟନ୍ତ ଇ-ରେଜିଷ୍ଟ୍ରେସନ କର୍ମଚାରୀମାନେ ମନଗଢ଼ା କାହାଣୀ କହି ବୁଲାଉଛନ୍ତି। ଏହାରି ମଧ୍ୟରେ ସମ୍ପୃକ୍ତ କର୍ମଚାରୀମାନେ ଦଲିଲ ପାଇଁ ଆସିଥିବା ଲୋକଙ୍କୁ କେତେ ଟଙ୍କା ଲାଞ୍ଚ ଦେଇପାରିବ ବୋଲି ପ୍ରଶ୍ନ କରିବା ସହିତ ଦର ଛିଡିବା ପରେ ଯାଇ ଦଲିଲ କାର୍ଯ୍ୟ ଆରମ୍ଭ କରୁଛନ୍ତି। ଏପରିକି ଗୋଟିଏ ଗୋଟିଏ ଦଲିଲ ପାଇଁ ୪୦ ରୁ ୫୦ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଏହାପଛରେ ଘରୋଇ କମ୍ପାନୀରୁ ଆସି ଯେଉଁ ଡାଟାଏଣ୍ଟ୍ରି ଅପରେଟର, ଫଟୋ ଉଠା କର୍ମଚାରୀ ଓ ବାୟୋମେଟ୍ରିକ୍ ରଖୁଥିବା ପିଲାମାନେ ଏହି ଲାଞ୍ଚ କାରବାରର ପୁରୋଧା ସାଜିଛନ୍ତି। ଯଦିଓ ଏମାନେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଠାରୁ ଉପଯୁକ୍ତ ଦରମା ପାଉଛନ୍ତି ତଥାପି ବାବୁଙ୍କ ସହଯୋଗରେ ଏଭଳି କାରବାରରେ ଲିପ୍ତ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଲୋକଙ୍କ କହିବା କଥା ହେଉଛି ଘରୋଇ କମ୍ପାନୀରୁ ମାତ୍ର ୭ ରୁ ୮ ହଜାର ଟଙ୍କା ଦରମା ପାଉଥିବା ଏହି କର୍ମଚାରୀମାନେ ହଠାତ୍ ଲକ୍ଷପତି ହେଲେ କିପରି। ତେଣୁ ଏହି ଅଫିସରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନେ ଏ ବିଷୟ କ'ଣ ଜାଣିପାରୁନାହାନ୍ତି ବୋଲି ଲୋକ ପ୍ରଶ୍ନ କରୁଛନ୍ତି। ତେବେ ସବ୍‌ରେଜିଷ୍ଟ୍ରାର  ସବୁ ଜାଣି ନଜାଣିଲା ଭଳି ଅଭିନୟ କରିବା ଫଳରେ ଜଗତପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ବୋଲି ସମସ୍ତେ କହୁଛନ୍ତି। ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ କଡା ଆଭିମୁଖ୍ୟ ରହିଥିଲା ବେଳେ ଜଗତପୁର ସବ୍‌ରେଜିଷ୍ଟ୍ରାର ଅଫିସରେ ଲାଞ୍ଚ କାରବାର ପଛରେ କାହାର ହାତ ରହିଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଏଠାରେ କାର୍ଯ୍ୟରତ ସବ୍‌ରେଜିଷ୍ଟ୍ରାର ଉଦ୍ଦେଶ୍ୟମୂଳକ ଭାବେ ଲୋକଙ୍କୁ ହଇରାଣ କରୁଛନ୍ତି। ବିକ୍ରି କବଲା ହେଉ କି କ୍ଷମତାପତ୍ର କ୍ଷେତ୍ରରେ ଏଭଳି ଅନେକ ଅସୁବିଧା ଦେଖାଦେଇଛି। ତେବେ ଅଧିକ ଅର୍ଥ ଉପାର୍ଜନ ଲକ୍ଷ୍ୟରେ ସବ୍‌ରେଜିଷ୍ଟ୍ରାର ନିରବଦ୍ରଷ୍ଟା ସାଜି ଇ-ରେଜିଷ୍ଟ୍ରେସନ୍ କର୍ମଚାରୀଙ୍କୁ ଲାଞ୍ଚ ଆଣିବା କାର୍ଯ୍ୟରେ ଲଗାଇ ଦେଉଛନ୍ତି। ଲୋକଙ୍କ ଅଭିଯୋଗ ଆଧାରରେ ରାଜସ୍ୱ ବିଭାଗ ଘଟଣାର ନିରପେକ୍ଷ ତଦନ୍ତ କଲେ ଅସଲ କଥା ପଦାକୁ ଆସିପାରିବ।

**CHANGE OF NAME**

BY VIRTUE of an affidavit I, Preetinanda Mund, D/o- Kusha Prasad Mund, Tulsinagar, PO/PS-Bolangir, Odisha-767001 have changed my name from Preetinanda Kaushal to Preetinanda Mund for all purposes vide affidavit 15 March 2021 Sworn before Notary Sarat Kumar Meher.

## ଅଳ୍ପ ଆଳାପ

ଯାଜପୁର ଜିଲ୍ଲାର ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ଗତ ୨୦୧୯ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ତରଫରୁ ପ୍ରାର୍ଥୀ ହୋଇଥିଲେ ଯୁବନେତା ତଥା ସମାଜସେବୀ ଅମର ନାୟକ। ଏହି ନିର୍ବାଚନରେ ମାତ୍ର ସ୍ୱଳ୍ପ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କ ନିକଟରୁ ହାରିଯାଇଥିଲେ ବି ବଡ଼ଚଣାବାସୀଙ୍କ ମନରେ ଶ୍ରୀ ନାୟକଙ୍କ ପ୍ରତି ଯଥେଷ୍ଟ ଭଲପାଇବା ଓ ଶ୍ରଦ୍ଧା ରହିଛି। ରାଜ୍ୟ ରାଜନୀତିରେ ଦୀର୍ଘବର୍ଷ ଧରି ସମ୍ପୃକ୍ତ ରହିଥିବା ଅମର ନାୟକ ଭୋଟ କୈନ୍ଦ୍ରିକ ରାଜନୀତି ଅପେକ୍ଷା ଲୋକଙ୍କ ସେବାକୁ ଅଧିକ ପ୍ରାଧାନ୍ୟ ଦେଇଆସିଛନ୍ତି। ଯେଉଁଥିପାଇଁ ସାଧାରଣ ଜନତାଙ୍କ ମଧ୍ୟରେ ତାଙ୍କ ପାଇଁ ଅହେତୁକ ଭଲପାଇବା ଓ ପ୍ରଗାଢ଼ ବିଶ୍ୱାସ ରହିଛି। ରାଜ୍ୟ ବିଜେପି ସମ୍ପାଦକ ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି, ଏଥିସହିତ ସେ ଜଣେ ନୀତିନିଷ୍ଠ ରାଜନେତା ଭାବେ କାର୍ଯ୍ୟ କରି ବିଜେପିର ବିଶ୍ୱାସଭାଜନ ହୋଇପାରିଛନ୍ତି। ବଡଚଣା ଥାନା ଅନ୍ତର୍ଗତ ଶାଳପଡା ନିବାସୀ ବାଲିଚନ୍ଦ୍ରପୁରରେ ଜନ୍ମିତ ଅମର ଛାତ୍ର ଜୀବନରୁ ରାଜନୀତି କରିବା ସହିତ ସମାଜ ସେବା କ୍ଷେତ୍ରରେ ଜଡିତ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପର୍ଯ୍ୟଟନ ଏବଂ ଅର୍ଥନୀତି ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ବି ସରକାରୀ ଚାକିରି କିମ୍ବା ଉଦ୍ୟୋଗ ପଛରେ ନଧାଇଁ ମାନବ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଜଣେ ଅମାୟିକ, ଭଦ୍ରକ ଓ ନିରହଂକାରୀ ବ୍ୟକ୍ତି ଭାବେ ଜଣାଶୁଣା ଶ୍ରୀ ନାୟକ ଦୃଢ଼ ନିଷ୍ପତ୍ତି ନେଇ ଲୋକଙ୍କ ଦାବି ହାସଲ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରିଛନ୍ତି। ଅମରଙ୍କ ଭଳି ଜଣେ ଦକ୍ଷ ତଥା ବିଚକ୍ଷଣ ଯୁବନେତାଙ୍କ ସହ 'ଏକମାତ୍ର'ର ଅଳ୍ପ ଆଳାପ।



ରାଜ୍ୟ ବିଜେପି ସମ୍ପାଦକ ତଥା ବଡ଼ଚଣାର ଯୁବନେତା ଅମର ନାୟକଙ୍କ ସହ 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତି।

**ସାକ୍ଷାତକାର : ତାରକ ମହାନ୍ତି**

# କ୍ଷମତା ଯୁଦ୍ଧରେ ମୁଁ ବିଶ୍ୱାସ କରେନାହିଁ : ଅମର

***ଓଡ଼ିଶା ରାଜନୀତିର କ୍ଷମତା ଯୁଦ୍ଧରେ ଅମର ନାୟକ କେଉଁଠି ?***

କେଉଁଠାରେ ନାହିଁ। କାରଣ କ୍ଷମତା ଯୁଦ୍ଧରେ ମୁଁ ବିଶ୍ୱାସ କରେନାହିଁ। କାମ କରି ଲୋକଙ୍କ ସହିତ ରହିବା, ଲୋକଙ୍କ ସେବା କରିବାକୁ ହିଁ ମୁଁ ବିଶ୍ୱାସ କରେ। ତେଣୁ କ୍ଷମତାରେ କେବେ ବିଶ୍ୱାସ ରଖି ନଥିଲି କି ରଖିନାହିଁ।

***ରାଜ୍ୟରେ ଦୀର୍ଘବର୍ଷ ଧରି ବିଜୁ ଜନତା ଦଳ କ୍ଷମତାରେ ରହିଥିଲା ବେଳେ ଏଠାରେ କେବେ ଶାସନ କ୍ଷମତାର ପରିବର୍ତ୍ତନ ହେବ ଓ ଓଡ଼ିଶାରେ ବିଜେପି ଶାସନ କ୍ଷମତାକୁ ଆସିପାରିବ ବୋଲି ଭାବୁଛନ୍ତି କି ?***

ନିଶ୍ଚିତ। ଓଡ଼ିଶାର ଶାସନ କ୍ଷମତାରେ ନିଶ୍ଚୟ ପରିବର୍ତ୍ତନ ଘଟିବ ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ହିଁ ବିଜୁ ଜନତା ଦଳ (ବିଜେଡି)ର ବିକଳ୍ପ ଭାବେ ରାଜ୍ୟରେ ସରକାର ଗଠନ କରିବ।

***ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକଳ୍ପ ଭାବେ ଓଡ଼ିଶା ବିଜେପିର କେଉଁ ନେତା ମୁଖ୍ୟମନ୍ତ୍ରୀ ହେବାକୁ ଯୋଗ୍ୟ ନେତା ?***

ମୁଁ ତ କହିବି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାକୁ ଉପଯୁକ୍ତ ଓ ଯୋଗ୍ୟ ନେତା।

***ରାଜ୍ୟ ବିଜେପିରେ ବହୁ ପୁରୁଖା ଓ ଅଭିଜ୍ଞ ନେତା ଥିଲା ବେଳେ ଆପଣଙ୍କ ପସନ୍ଦ ଧର୍ମେନ୍ଦ୍ର ପ୍ରଧାନ କାହିଁକି ?***

କାରଣ ଧର୍ମେନ୍ଦ୍ର ପ୍ରଧାନ ଜଣେ ଏଭଳି ଧୂରୀଣ ନେତା, ଯାହାଙ୍କର ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟଶୈଳୀ, ଭାବନାରେ ବିବିଧତା ଯେକୌଣସି କ୍ଷେତ୍ରରେ ବିକାଶ ଆଣିପାରିବ। ସେ କଠୋର ପରିଶ୍ରମୀ, କାର୍ଯ୍ୟପ୍ରତି ଅତ୍ୟନ୍ତ ନିଷ୍ଠାବାନ ଏବଂ ସାଧାରଣ ଲୋକଙ୍କ ପାଇଁ ଅଧିକ ବିଚାରବନ୍ତ। ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉ କିମ୍ବା ସଙ୍କଟ ସମୟରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ହେଉ ସେ ଏହାକୁ ସୁଚାରୁରୂପେ ତୁଲାଇ ପାରନ୍ତି। ତୃଣମୂଳ ସ୍ତରରୁ ଲୋକଙ୍କ ଭଲମନ୍ଦ ବୁଝିବା ସହିତ ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କ ନିଷ୍ପତ୍ତି ଖୁବ୍ ଭଲ। ତେଣୁ ତାଙ୍କ ସହିତ କାର୍ଯ୍ୟ କରିବାର ସ୍ୱତନ୍ତ୍ର ଅନୁଭୂତି ମୋର ରହିଛି। ବିଜେପିର ଅନ୍ୟ ନେତାଙ୍କ ତୁଳନାରେ ଧର୍ମେନ୍ଦ୍ର ହିଁ ରାଜ୍ୟକୁ ବିକାଶ ପଥରେ ନେଇପାରିବେ ବୋଲି ମୁଁ ଦୃଢ଼ ଭାବେ କହିପାରିବି।

***ବଡ଼ଚଣା ନିର୍ବାଚନ ମଣ୍ଡଳୀର କେଉଁ ସମସ୍ୟାର ସମାଧାନ ଓ ଏଠାରେ ବିକାଶ କିଭଳି ତ୍ୱରାନ୍ୱିତ ହେବ ବୋଲି ଭାବୁଛନ୍ତି ?***

ଖାଲି ବଡ଼ଚଣା ବିଧାନସଭା କ୍ଷେତ୍ର ନୁହେଁ, ରାଜ୍ୟର ପ୍ରମୁଖ ସମସ୍ୟା ହେଉଛି ବେରୋଜଗାରୀ। ବର୍ତ୍ତମାନର ରାଜ୍ୟ ସରକାର ଯେଉଁ ବିକାଶର ନାରା ଦେଉଛନ୍ତି, ତାହା ହେଉଛି ସମ୍ପୂର୍ଣ୍ଣ ଗତାନୁଗତିକ ଧାରା। ଏଥିରେ କୌଣସି ନୂତନତା ନାହିଁ। ଦେଖନ୍ତୁ, ବର୍ତ୍ତମାନ ସମୟରେ ଆମ ରାଜ୍ୟରେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି ହୋଇପାରୁନାହିଁ, ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଶୀତଳ ଭଣ୍ଡାର ଅଭାବରୁ ପନିପରିବା ନଷ୍ଟ ହୋଇଯାଉଛି। ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏତଦ୍‌ବ୍ୟତୀତ ଆମ ରାଜ୍ୟରେ ଶିକ୍ଷିତ ଯୁବକ ମାନଙ୍କୁ କର୍ମନିଯୁକ୍ତି କିମ୍ବା କୌଣସି ପ୍ରକାର ଆତ୍ମନିଯୁକ୍ତି ମିଳିପାରୁନାହିଁ। ରୋଜଗାର ନିମନ୍ତେ ଯୁବବର୍ଗଙ୍କ ପାଇଁ ଓଡ଼ିଶାରେ କୌଣସି ସୁଯୋଗ ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ କୃଷକ ସମସ୍ୟା ଓ ବେରୋଜଗାରୀ ସମସ୍ୟା ଦୁଇଟି ହେଉଛି ମୁଖ୍ୟ ମୁଦ୍ଦା। ଏହାର ସମାଧାନ ନହେବା ପର୍ଯ୍ୟନ୍ତ ମୋର ଲଢ଼େଇ ଜାରି ରହିବ। ଆପଣ ଭଲ ଭାବେ ଜାଣନ୍ତି ଯେ, ରୋଜଗାର ନହେଲେ ଜନଜୀବନ କିଭଳି ପ୍ରଭାବିତ ହୁଏ।

***ଲୋକଙ୍କ ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପିତ କରିବା ହେଉ ଅବା ନିଜ ନିର୍ବାଚନ ମଣ୍ଡଳୀରେ ହେଉଥିବା ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର ବିରୋଧରେ ଆପଣଙ୍କ ଶାଣିତ ସ୍ୱର ବହୁ ସମୟରେ ଶୁଣିବାକୁ ମିଳେ। ହେଲେ ଏଥିପାଇଁ ଯେଉଁ ପ୍ରତିବାଦ ଓ ଆନ୍ଦୋଳନ ଆପଣଙ୍କ ନେତୃତ୍ୱରେ ହୁଏ ସେଥିରେ ଲୋକଙ୍କୁ ସଫଳତା ମିଳେ ତ ?***

ଦେଖନ୍ତୁ, ସଫଳତା ହାରରେ ବିଶ୍ୱାସ ରଖିବା ଅପେକ୍ଷା ପ୍ରଭାବୀ ଢଙ୍ଗରେ ଲୋକଙ୍କ ସମସ୍ୟା, ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ କରିବା ହେଉଛି ବିରୋଧୀ ଦଳଙ୍କ କାର୍ଯ୍ୟ। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉଠାଇ ଏକ ନିର୍ଯ୍ୟାସରେ ପହଞ୍ଚିବା ହେଉଛି ସବୁଠୁ ବଡ଼କଥା। ସେହି କ୍ରମରେ ମୁଁ ମୋର କର୍ତ୍ତବ୍ୟ ଠିକଣା ଢଙ୍ଗରେ କରିଚାଲିଛି।

***ଭବିଷ୍ୟତରେ ବଡ଼ଚଣା ବିଧାନସଭା କ୍ଷେତ୍ରକୁ ନିଜର କର୍ମଭୂଇଁ ଭାବେ ଧରି ରଖିବେ କିମ୍ବା ସମୟ ଅନୁସାରେ ଏଥିରେ ପରିବର୍ତ୍ତନ ଘଟିବ ?***

ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ବଡ଼ଚଣାବାସୀଙ୍କ ସେବା କରିବା ହିଁ ମୋର ଲକ୍ଷ୍ୟ ଓ ଆରମ୍ଭରୁ ଏଭଳି ଦୃଢ଼ ନିଷ୍ପତ୍ତି ନେଇଛି। ଏହାର କାରଣ ରାଜ୍ୟର ଜନସାଧାରଣ ଯେଭଳି ଅସୁବିଧା ଭୋଗ କରୁଛନ୍ତି, ତାଙ୍କ ମଧ୍ୟରେ ମୋ ମାଟିର ଲୋକଙ୍କ ସମସ୍ୟା, ଅସୁବିଧା, ସୁବିଧା ମୋ ଦୃଷ୍ଟିକୁ ପ୍ରତି ମୁହୂର୍ତ୍ତରେ ଆସୁଛି। ତେଣୁ ଲୋକଙ୍କ ସମସ୍ୟାର କିଭଳି ସମାଧାନ ହୋଇପାରିବ ସେ ଦିଗରେ ସମସ୍ତ ଉଦ୍ୟମ କରିବାକୁ ମୁଁ କେବେ ପଛଘୁଞ୍ଚା ଦେବିନାହିଁ। ଏତଦ୍‌ବ୍ୟତୀତ ବଡ଼ଚଣା ମୋର ଜନ୍ମଭୂମି ଓ କର୍ମଭୂମି। ମାଟି ମାଆର ସେବା କରିବାରେ ନିଆରା ଆନନ୍ଦ ମିଳେ।

***ନିକଟରେ ଧାନ କିଣାକୁ ନେଇ ବିଧାନସଭାରେ ରାଜ୍ୟ ବିଜେପି ଅଚଳାବସ୍ଥା ସୃଷ୍ଟି କରିଛି ବୋଲି ବିଜେଡି ଅଭିଯୋଗ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଖୋଜିବା ପାଇଁ ବିଜେପି ବିଧାୟକ ଦଳ ନବୀନ ନିବାସ ଯିବାକୁ ଆପଣ କେଉଁ ଦୃଷ୍ଟିରେ ଦେଖୁଛନ୍ତି ?***

ଦେଖନ୍ତୁ, ରାଜ୍ୟରେ ଧାନ କିଣାକୁ ନେଇ ବିଧାନସଭାରେ ଅସଂଗତି ଦେଖିବାକୁ ମିଳିଲା। ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଲେନାହିଁ। ଚାଷୀଙ୍କ ଧାନ ମାସ ମାସ ଧରି ମଣ୍ଡିରେ ପଡି ନଷ୍ଟ ହେଉଥିଲା ବେଳେ ଶାସନ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ଏ ନେଇ କୌଣସି ବିବୃତି ନରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଁ କହିବି, ଏହା ଚାଷୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସମ୍ବେଦନହୀନତାର ପରିଚୟ। ଯେଉଁଠି ବିଧାନସଭା ଚାଲିଥିଲା ବେଳେ ମୁଖ୍ୟମନ୍ତ୍ରୀ ଗୃହ କିମ୍ବା ଲୋକସେବା ଭବନରେ ଉପସ୍ଥିତ ରହୁନାହାନ୍ତି। ଜଣେ ନିରୁଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଖୋଜିବାରେ ବିରୋଧୀ ଦଳ ତ କିଛି ପ୍ରୟାସ କରିବ। ମୁଖ୍ୟମନ୍ତ୍ରୀଙ୍କ ମାଧ୍ୟମରେ ତାଙ୍କ ସରକାର ନିକଟରୁ ନିର୍ଦ୍ଦିଷ୍ଟ ଉତ୍ତର ହାସଲ କରିବା ଲକ୍ଷ୍ୟରେ ବିରୋଧୀ ଦଳ ଭାବେ ରାଜ୍ୟ ବିଜେପିର ଏହା ଥିଲା ପ୍ରୟାସ।



***ଆଗାମୀ ସାଧାରଣ ନିର୍ବାଚନ ଅନେକ ଦିନ ବାକି ରହିଥିଲା ବେଳେ ପୌର ନିର୍ବାଚନ ନହେବା ପଛରେ ବିଜେଡିର ହାତ ଅଛି ବୋଲି ଭାବୁଛନ୍ତି କି ?***

ନିଶ୍ଚିତ ଭାବେ କହିବି ଯେ, ପୌର ନିର୍ବାଚନ ନହେବା ପଛରେ ବିଜେଡିର ମନ୍ଦ ଉଦ୍ଦେଶ୍ୟ ରହିଛି। ବର୍ଷାଧିକ କାଳ ନିର୍ବାଚିତ ବ୍ୟବସ୍ଥା ଗୁଡିକୁ ଭାଙ୍ଗି ମନମୁଖୀ ମେରୀରାୟ ଶାସନର ନମୁନା ଦେଖାଇଛି ବିଜୁ ଜନତା ଦଳ ସରକାର। ବିଜେଡି ଜାଣିଗଲାଣି ଯେ, ରାଜ୍ୟର ଶିକ୍ଷିତ ଓ ସଚେତନ ନାଗରିକ ଆଉ ବିଜେଡି ସପକ୍ଷରେ ନାହାନ୍ତି। ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଯେଭଳି ବିକାଶକୁ ଗୁରୁତ୍ୱ ଦେଉଛନ୍ତି ତାହା ବିଜେଡି ଭିତରେ ଭୟ ସଞ୍ଚାର କରୁଛି। ତେଣୁ ଓଡ଼ିଶାରେ ପୌର ନିର୍ବାଚନ ହେଲେ ବିଜେଡିକୁ ହାରିଯିବାର ଭୟ ଘାରୁଛି। ଯେଉଁଥିପାଇଁ ପୌର ନିର୍ବାଚନକୁ ଘୁଞ୍ଚାଇ ଚାଲିଛି ବିଜେଡି।

***ଆପଣଙ୍କ ରାଜନୈତିକ ଭବିଷ୍ୟତ କିଭଳି ହେବ ବୋଲି ମନେକରନ୍ତି ଏବଂ ଏଥିପାଇଁ ବ୍ୟକ୍ତିଗତ ସ୍ତରରେ କେଉଁ ଉଦ୍ୟମ ହେବା ଦରକାର ?***

କୌଣସି ପଦପଦବୀ ଲାଳସା ରଖି ମୁଁ ରାଜନୀତି କରୁନାହିଁ। କର୍ମ ହିଁ ସେବା। ତେଣୁ ମୋତେ ଲୋକଙ୍କ ପାଇଁ କର୍ତ୍ତବ୍ୟ କରିବାର ସୁଯୋଗ ମିଳିବା ହିଁ ଆଶୀର୍ବାଦ। ରାଜ୍ୟ ବିଜେପିରେ ମୁଁ ଜଣେ ଶୃଙ୍ଖଳିତ ସଦସ୍ୟ। ସେବା କରିବାର ବ୍ରତ ପାଳନ ନିକଟରେ ପଦ ପଦବୀ ଆଦୌ ବଡ଼ ନୁହେଁ। ଏଣୁ ମୋ ପାଇଁ ପଦ ପଦବୀ ଏବଂ କ୍ଷମତା କୌଣସି ମାନେରଖେନାହିଁ। ଏଣୁ ମୁଁ କ୍ଷମତା ଲୋଭରେ ନାହିଁ।

***ରାଜ୍ୟ ରାଜନୀତିରେ ଅମର ନାୟକ କେବେ ଶୀର୍ଷକୁ ଯିବେ ?***

ପ୍ରଥମରୁ କହିଆସିଛି ଯେ, ମୁଁ ବିଜେପିର ଜଣେ ଶୃଙ୍ଖଳିତ ସଦସ୍ୟ। ଦଳର ନୀତି, ଆଦର୍ଶ ଓ ନିର୍ଦ୍ଦେଶ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ନିଷ୍ଠାପର ଭାବେ ନିଜର କର୍ତ୍ତବ୍ୟ କରିବାରେ ମୁଁ ବିଶ୍ୱାସ ରଖେ। ହଁ, ଆଉ ରହିଲା-ସାମାଜିକ ସ୍ତରରେ ମୋର ବ୍ୟକ୍ତିଗତ ଉଦ୍ୟମ ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଯେମିତି ଚାଲିଥିଲା ଆହୁରି ଅଧିକ ଚାଲିବ।

# ବିଶ୍ୱସ୍ତରୀୟ ହେବ କଳିଙ୍ଗ ଷ୍ଟୁଡିଓ

**ଭୁବନେଶ୍ୱର :** ଏଣିକି ଚଳଚ୍ଚିତ୍ର ସୁଟିଂ ପାଇଁ ରାଜ୍ୟ ବାହାରକୁ ଯିବେନି ପ୍ରଯୋଜକ, ନିର୍ଦ୍ଦେଶକ। କଳିଙ୍ଗ ଷ୍ଟୁଡିଓରେ ମିଳିବ ସବୁ ସୁବିଧା। ରାଜ୍ୟ ଚଳଚ୍ଚିତ୍ର ନିଗମ ପରିଚାଳିତ କଳିଙ୍ଗ ଷ୍ଟୁଡିଓର ହେବ ନବକଳେବର। ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର କରାଯିବ। କଳିଙ୍ଗ ଷ୍ଟୁଡିଓର ପରିସରରେ ପହଞ୍ଚି ଏହାର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ନବୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କଳିଙ୍ଗ ଷ୍ଟୁଡିଓକୁ ବିଶ୍ୱସ୍ତରୀୟ ଫିଲ୍ମ ଷ୍ଟୁଡିଓ ଭାବେ ଗଢ଼ି ତୋଳିବାକୁ ଅଣ୍ଟା ଭିଡିଛନ୍ତି ରାଜ୍ୟ ସରକାର ଓ ଏଥିଲାଗି ୨ଶହ କୋଟି ଟଙ୍କା ମଞ୍ଜୁର କରିଛନ୍ତି ରାଜ୍ୟ ସରକାର। ଏହି ଶିଳାନ୍ୟାସ ଉତ୍ସବରେ ଶକ୍ତି ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି, ସବ୍ୟସାଚୀ ମିଶ୍ର ଓ ଆକାଶ ଦାସ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବରୁ



ରାଜ୍ୟର ଅଧିକାଂଶ ଫିଲ୍ମ କଳିଙ୍ଗ ଷ୍ଟୁଡିଓରେ ସୁଟିଂ ହେଉଥିଲା। ଫିଲ୍ମ ନିର୍ମାଣ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଥିବାରୁ ବାହାର ରାଜ୍ୟକୁ କିମ୍ବା ବିଦେଶ ଯିବାକୁ ପଡୁ ନଥିଲା। କିନ୍ତୁ ୧୯୯୯ ମସିହା ମହାବାତ୍ୟା କଳିଙ୍ଗ ଷ୍ଟୁଡିଓକୁ ଛାରଖାର କରି ଦେଇଥିଲା। ଭୁଶୁଡି ପଡିଥିଲା କଳିଙ୍ଗ ଷ୍ଟୁଡିଓର ଭିତ୍ତିଭୂମି। ଫିଲ୍ମ ସୁଟିଂ ପାଇଁ ସେଭଳି ଆଉ ପରିବେଶ ନଥିଲା। ବଣ ବୁଦା ଚାରିଆଡକୁ ମାଡିଯିବା ସହ ଷ୍ଟୁଡିଓ ଭିତରେ ଆଡ୍ଡା ଜମାଇଲେ ଗାଈଗୋରୁ। କିନ୍ତୁ ଏବେ ପୁଣିଥରେ କଳିଙ୍ଗ ଷ୍ଟୁଡିଓ ଜୀବନ୍ୟାସ ପାଇବାକୁ ଯାଉଛି। ଆଉ ଏହାକୁ ନୂଆ ଜୀବନ ଦେବା ନବୀନ ଉଠାଇଚନ୍ତି ବଡ ପଦକ୍ଷେପ, ଯାହାକୁ ସିନେ କଳାକାର ପ୍ରଶଂସା କରିଛନ୍ତି।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି